# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ପାଣିକୋଇଲି, ୧୩।୨(ସମିସ):** ସରସ୍ୱତୀ ଶିଶୁ ମନ୍ଦିରର ପାଣିକୋଇଲିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ାରେ ୩୯୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ରାଉତ, ସମ୍ପାଦକ ରାଜକିଶୋର ମଲ୍ଲିକ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକ, ଆଚାର୍ଯ୍ୟ/ଆଚାର୍ଯ୍ୟାଙ୍କ ଉପସ୍ଥିତିରେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ପଣ୍ଡା କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହ ସଫଳତାର ସହ ଉଦ୍‌ଯାପନ କରିଥିଲେ। ଉକ୍ତ କ୍ରୀଡ଼ାରେ ୧୦୦ ମିଟର, ୨ଶହ ମିଟର, ୪ଶହ ମିଟର ଦୌଡ, ଗୋଳା ପିଙ୍ଗା, ଥାଳିଆ ପିଙ୍ଗା, ଉଚ୍ଚଡିଆଁ, ଲମ୍ବଡିଆଁ, ସଙ୍ଗୀତ ଚୌକୀ, ଗଣିତ ଦୌଡ, ଅଖାଡିଆଁ ଖେଳ ଆୟୋଜିତ ହୋଇଥିଲା।

# ବାଣୀପୀଠ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ଧର୍ମଶାଳା, ୧୩।୨(ସମିସ):** ଧର୍ମଶାଳା ବାଣୀପୀଠ ୧୯୮୩ ଜୁନିୟର ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିକଟସ୍ଥ ଜାରକା ପ୍ରାଥମିକ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଉଦୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୫ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ପାଦକ ଶମ୍ଭୁନାଥ ମଲିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପ୍ରଭାତ କର ପୂର୍ବ ବର୍ଷର ହିସାବ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ବାଣୀପୀଠର ଉନ୍ନତି ପାଇଁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ପୁରାତନ ଛାତ୍ର ବିରଞ୍ଚି ନାରାୟଣ ରଥ ଧନ୍ୟବାଦ ଦେଇଥିଲେ।

# ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

**ସୁକିନ୍ଦା, ୧୩।୨(ସମିସ):** ସୁକିନ୍ଦା ସତ୍‌ସଙ୍ଗ ବିହାରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ନହବତି ଓ ବେଦ ମାଙ୍ଗଳିକ, ବିନତୀ ପ୍ରାର୍ଥନା ସହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପରେ ମାତୃ ସମ୍ମିଳନୀରେ ଶତାଧିକ ମାଆ ଯୋଗଦେଇଥିଲେ। ଅପରାହ୍ନରେ ଶୋଭାଯାତ୍ରାରେ ଶତାଧିକ ଭକ୍ତ ନାମ ସଂକୀର୍ତ୍ତନ କରି ସତସଙ୍ଗ ବିହାରରୁ ବାହାରି ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମରେ ଡଃ ବିଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଞ୍ଚିବା ଓ ବଢ଼ିବାର ମର୍ମ ଓ ଧର୍ମ ଉପରେ ଉଦବୋଧନ ଦେଇଥିଲେ।

# ସମାଜସେବୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୧୩।୨(ସମିସ):** ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ଗ୍ରାମର ଜୟକୃଷ୍ଣ ମହାନ୍ତିଙ୍କ ସାନପୁଅ ତଥା ବିଜେଡି ନେତା ଶାରଦା ପ୍ରସନ୍ନ ମହାନ୍ତିଙ୍କ ସାନଭାଇ ସମାଜସେବୀ ମନୋରଞ୍ଜନ ମହାନ୍ତି (୬୦)ଙ୍କ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। କଂଗ୍ରେସ ନେତା ଅଜୟ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ଧଳ, ପୂର୍ବତନ ଆମ୍ବା ଅଧ୍ୟକ୍ଷ ବିପିନ ଜେନା, ଶିକ୍ଷାବିତ ରତ୍ନାକର ପଣ୍ଡା, ସାମ୍ବାଦିକ ଅମରେନ୍ଦ୍ର ସିଂହ, ଅଜୟ ପ୍ରତାପ ସିଂହ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରଶିଳ୍ପୀ ଡଃ ପ୍ରଫୁଲ୍ଲ ମହାନ୍ତି ଓ ସମାଜସେବୀ ଦିବାକର ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରାଜ୍ୟ ମହିଳା କମିଶନ ପକ୍ଷରୁ ଆଇନ ସଚେତନତା

**ସୁକିନ୍ଦା, ୧୩।୨(ସମିସ):** ରାଜ୍ୟ ମହିଳା କମିଶନ ପକ୍ଷରୁ ସୁକିନ୍ଦାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ଭବନ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସୁଜାତା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ପିଓ ସରୋଜିନୀ ଦାସ ଲିଗାଲ ଆୱାରନେସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ନିବେଦିତା ସରଣ, ବିଷ୍ଣୁପ୍ରିୟା ଦାସ ଓ ରୋଜାଲିନ ପଣ୍ଡା ପ୍ରମୁଖ ବାଲ୍ୟ ବିବାହର ଅପକାରିତା ଓ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି ଶେଖର ମହାନ୍ତି ଯୋଗଦେଇଥିଲେ।

# ଶୋଇଛି ବନ ବିଭାଗ
# ରାଜପଥ କଡ଼ରୁ କଟାଯାଉଛି ଶହଶହ ଗଛ

ଯଖପୁରା, ୧୩।୨ (ସମିସ)



ବୃକ୍ଷ ହିଁ ଜୀବନ। ଗଛ ବଞ୍ଚିଲେ ଆମେ ବଞ୍ଚିବା। ବୃକ୍ଷ ବିହୁନେ ସୃଷ୍ଟି ନାଶ। ଏମିତି ଅନେକ ସ୍ଲୋଗାନ କେବଳ ବନ ବିଭାଗ ପକ୍ଷରୁ ଦିଆଯାଇଥାଏ। ସରକାରଙ୍କ ପକ୍ଷରୁ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ପ୍ରଚୁର ଅର୍ଥ ବ୍ୟୟବରାଦ କରାଯାଉଛି। ପ୍ରଦୂଷଣ ରୋକିବା ପାଇଁ ବୃକ୍ଷ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ତେବେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାଜପଥ କଡ଼ରୁ କଟାଯାଉଛି ଗଛ। ଫଳରେ ସରକାରଙ୍କ ଅର୍ଥ ପାଣିରେ ପଡୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

କଳିଙ୍ଗନଗର ଓଡ଼ିଶାର ସବୁଠାରୁ ପ୍ରଦୂଷଣ ଯୁକ୍ତ ସ୍ଥାନ ହୋଇଥିବାରୁ ଏଠାରେ ଅଧିକରୁ ଅଧିକ ବୃକ୍ଷର ଆବଶ୍ୟକତା ରହିଛି। ଛୋଟବଡ଼ ଅନେକ କଳକାରଖାନା ଗଢିଉଠିବା କାରଣରୁ ବହୁ ସଂଖ୍ୟାରେ ବୃକ୍ଷ ନଷ୍ଟ କରିବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ କଳିଙ୍ଗନଗରରେ ଥିବା ଅନେକ ସରକାରୀ ଜମିରେ ବୃକ୍ଷରୋପଣ କରାଇଛି। ଏମିତିକି ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ହଜାର ହଜାର ଗଛ ଲଗାଇ ଏହାର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ କର୍ମଚାରୀ ନିୟୋଜିତ କରିଛି। ଆଜକୁ ୬ ବର୍ଷ ପୂର୍ବେ ଲଗାଯାଇଥିବା ଗଛ ସବୁ ଏବେ ବଡ ବଡ ହୋଇଯିବାରୁ ବନବିଭାଗ ବୃକ୍ଷର ତଦାରଖ ନ କରିବାରୁ ଲୋକେ ବିନା ଭୟରେ ଗଛ କାଟିନେଉଛନ୍ତି। ସବୁଠୁ ଅଧିକ ଗଛ କଟାଯାଇଥିବା ସ୍ଥାନ ହେଉଛି ବ୍ରାହ୍ମଣୀ ପୋଲଠାରୁ ପଙ୍କପାଳ ବଙ୍ଗଳା ଛକ ପର୍ଯ୍ୟନ୍ତ। ଏହି ତିନି କିଲୋମିଟର ରାସ୍ତା କଡ଼ରେ ଥିବା ଅଳ୍ପ କିଛି ଗଛକୁ ଛାଡି ପ୍ରାୟ ସବୁ ଗଛ କାଟିନେଇଛନ୍ତି ଦୁର୍ବୃତ୍ତ। ଜାତୀୟ ରାଜପଥ ପାର୍ଶ୍ୱରୁ ଗଛ କଟାଯାଉଥିଲେ ମଧ୍ୟ ବନବିଭାଗ ପାଖରେ ଖବର ନାହିଁ।

ଆହୁରି ମଧ୍ୟ ବନ ବିଭାଗ ପକ୍ଷରୁ ଗଛ କଟାଯାଇଥିବା ସ୍ଥାନରୁ ଦୁଇ କିଲୋମିଟର ଦୂରରେ ଏକ କ୍ୟାମ୍ପ କରାଯାଇଛି। ଏତେ ପାଖରେ ବନବିଭାଗ କର୍ମଚାରୀ ଥାଇ ମଧ୍ୟ କିପରି ଗଛ କଟାଯାଉଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବହୁ ଅର୍ଥ ବ୍ୟୟ କରି ଗଛ ଲଗାଯାଉଥିଲେ ହେଁ ଏହା ବଡ଼ ହେବା ପରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଲଗାଯାଇଥିବା ସମସ୍ତ ଗଛ ବିଲୁପ୍ତ ହେବାକୁ ବସିଛି। ରାଜପଥ ଦେଇ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏହାକୁ ଭ୍ରୁକ୍ଷେପ ନ କରି ରାସ୍ତା କଡ଼ରୁ ହଜାର ହଜାର ସଂଖ୍ୟାରେ ଗଛ କାଟିନିଆଯାଉଛି। ତେବେ ଅନ୍ୟ ସ୍ଥାନରେ ବୃକ୍ଷର ରକ୍ଷଣାବେକ୍ଷଣ କିପରି ହେଉଥିବ, ଏଥିରୁ ସହଜରେ ଅନୁମାନ କରାଯାଇପାରେ। ବନବିଭାଗ ଏଥିରେ ରୋକ ଲଗାଇ ବାକିରହିଥିବା ଗଛକୁ କିପରି ସୁରକ୍ଷିତ ରଖାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କରଦା ହରିହାଟ ମହୋତ୍ସବ ଉଦ୍‌ଯାପିତ



**ପାଣିକୋଇଲି, ୧୩।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ ତଥା ପ୍ରସିଦ୍ଧ ହରିହାଟ ମେଳା ମହୋତ୍ସବର ଉଦ୍‌ଯାପିତ ହୋଇଛି। ମେଳା କମିଟି ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁଙ୍କ ସଭାପିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ କୋରେଇ ମାଟିରେ ମହୋତ୍ସବ କରି ଆମେ ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ନିଷ୍ଠା ଓ ସାଧୁତାର ସହ ମହୋତ୍ସବ ଆୟୋଜନ କଲେ ସଫଳ ହୁଅନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଯୁବ ନେତା ପ୍ରୀତିରଞ୍ଜନ ସାହୁ, ଆଇନଜୀବୀ ଧନେଶ୍ୱର ବାରିକ, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ସିଂହ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ପାଣିକୋଇଲି ମହୋତ୍ସବ କମିଟି ସଭାପତି ରାକେଶ ସାହୁ, ଫ୍ରିଡମ ଜୋନାଲ ମ୍ୟାନେଜର ଅମୀୟ ଧଳ, କଂଗ୍ରେସ ନେତା ମଧୁସୂଦନ ସାହୁ, କବି ଭୁବନ ମୋହନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ସହିତ ସ୍ଥାନୀୟ କଳା ସଂସ୍କୃତିକୁ ଉଜ୍ଜୀବିତ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏ ଅବସରରେ ମେଳା କମିଟିର ପୂର୍ବତନ ସଦସ୍ୟ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ରାଜାରାମ ପଣ୍ଡା, ବିମ୍ବାଧର ବେହେରାଙ୍କୁ ମରଣୋତ୍ତର ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲିଙ୍ଗେଶ୍ୱର ଉନ୍ନୟନ କମିଟି, କରଦା ପଞ୍ଚାୟତ ଡ୍ରାଇଭର ସଂଘ, ଆମେ ଯାଜପୁର ଫେସବୁକ ପେଜ ଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟଜିତ ପ୍ରଧାନଙ୍କ ସେ ମୋ ଜଗନ୍ନାଥ ଭଜନରେ ଦର୍ଶକ ଭାବବିହ୍ୱଳ ହୋଇଥିଲେ। ବିଶ୍ୱନାଥ ପଣ୍ଡା, ଚିନ୍ତାମଣି ସାହୁ, ସୁଧାଶଙ୍କର ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ, ଦୁର୍ଗାପ୍ରସାଦ ପଣ୍ଡା, ସଚିଦାନନ୍ଦ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ନପୂର୍ଣ୍ଣା ବିଦ୍ୟାଳୟରେ 'ନିପୁଣ ଓଡ଼ିଶା' ମେଳା

**ମଙ୍ଗଳପୁର, ୧୩।୨(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ଧନୀପୁର ଅନ୍ନପୂର୍ଣ୍ଣା ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ମଙ୍ଗଳପୁର ପଞ୍ଚାୟତ ସମିତିସଭ୍ୟା ସରିତା ପଣ୍ଡା, ଥାଲକୁଡ଼ି ପଞ୍ଚାୟତ ସମିତିସଭ୍ୟା ଅର୍ଚ୍ଚନା ଦାସ, ଅନ୍ନପୂର୍ଣ୍ଣା ନୋଡାଲ କ୍ଲଷ୍ଟରର ସିଆରସିସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେଶ ଦାସ, ମଙ୍ଗଳପୁର ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ସାହୁ, ସହକାରୀ ଶିକ୍ଷକ ବିଜୟ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିପୁଣ ଓଡ଼ିଶା ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କମିଟି ସଭ୍ୟସଭ୍ୟା ଯୋଗ ଦେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ସାହୁ, ବିଶ୍ୱଜିତ ମଢେଇ, ସଞ୍ଜୀବ ପଡ଼ିହାରୀ, ଶିକ୍ଷୟିତ୍ରୀ ଲଳନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ପ୍ରଦର୍ଶନୀରେ ଯୁବ ହସ୍ତଶିଳ୍ପୀଙ୍କ କଳାକୃତି

**ବାଲିଚନ୍ଦ୍ରପୁର, ୧୩।୨(ସମିସ):** ନୂଆଦିଲ୍ଲୀସ୍ଥ କ୍ରାଫ୍ଟ ମ୍ୟୁଜିୟମରେ ଆୟୋଜିତ ଜାତୀୟ ଇଣ୍ଡିହାଟ ଇଭେଣ୍ଟ (ପ୍ରଦର୍ଶନୀ)ରେ ଶୋଭାପାଉଛି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମର ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ ଯୁବ ହସ୍ତଶିଳ୍ପୀ ପ୍ରଫୁଲ୍ଲ ମହାରଣାଙ୍କ ହସ୍ତନିର୍ମିତ କଳାକୃତି। ଭାରତ ସରକାରଙ୍କ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ନିମନ୍ତ୍ରଣ ପାଇ ଶ୍ରୀ ମହାରଣା ୧୨ ତାରିଖ ଦିନ ଏହି ପ୍ରଦର୍ଶନୀରେ ସାମିଲ ହୋଇ ନିଜର କଳାକୃତି ପ୍ରଦର୍ଶନ କରୁଛନ୍ତି। ଏହି ପ୍ରଦର୍ଶନୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ବିଧାୟକ ଶ୍ରୀ ମହାରଣାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କାର୍ଯ୍ୟକ୍ଷମ ହେଉନି ପାନୀୟଜଳ ପ୍ରକଳ୍ପ, ନଳକୂପ ଅଚଳ
# ଜଳକଷ୍ଟ ଭୋଗୁଛନ୍ତି ବରେଇଁ ଗ୍ରାମବାସୀ



କୟାଁଗୋଲା, ୧୩।୨(ସମିସ)

ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବାକୁ ବସୁଧା ଓ ମେଗା ପାନୀୟଜଳ ପ୍ରକଳ୍ପ ଯୋଜନା କରିଛନ୍ତି। ପ୍ରତି ଘରକୁ ପାନୀୟଜଳ ଯୋଗାଇଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସଫଳ ରୂପାୟନ ହୋଇପାରୁ ନ ଥିବାରୁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଏଭଳି ସମସ୍ୟା ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ବରେଇଁ ଗ୍ରାମରେ ଦେଖିବାକୁ ମିଳିଛି। ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାବେଳେ ନଳକୂପ ଅଚଳ ହୋଇପଡ଼ିଥିବାରୁ ଏହି ଗାଁର ଲୋକେ ପିଇବା ପାଣି ପାଇଁ ହୀନସ୍ତା ଭୋଗ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ବରେଇଁ ଗ୍ରାମର ୧୦୦ ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରିଆସୁଛନ୍ତି। ଅନ୍ୟ ନଳକୂପ ଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ନ ଥିବାବେଳେ ଅନ୍ୟ ନଳକୂପଟି ଦୀର୍ଘଦିନ ଅଚଳ ହୋଇପଡ଼ିଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଅଚଳ ହୋଇପଡ଼ିଥିବା ନଳକୂପକୁ ମରାମତି କରାଯାଉନାହିଁ। ଅଚଳ ନଳକୂପ ମରାମତି କରାଯାଉ ନ ଥିବାବେଳେ ପମ୍ପ ଚାଳକ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ପାନୀୟ ଜଳ ଯୋଗାଇବା ବନ୍ଦ କରିବା, ଯାହା ବେଡ଼ି



ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଦୀର୍ଘଦିନ ହେବ ବରେଇଁ ପଡ଼ିଆରେ ମେଗା ପାନୀୟ ଜଳ ପ୍ରକଳ୍ପ ଟାଙ୍କି କାମ ସରିଥିଲେ ମଧ୍ୟ ପାଇପ୍ ସଂଯୋଗ ହେଉ ନାହିଁ କି ଜନସାଧାରଣ ପାନୀୟ ଜଳ ପାଇପାରୁନାହାନ୍ତି। ଗ୍ରାମବାସୀ ପାନୀୟଜଳ ପାଇପାରୁନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଦଶରଥପୁର ବ୍ଲକ ଅଞ୍ଚଳର କେତେକ ପଞ୍ଚାୟତରେ ପାଇପ୍ ବିଛା କାମ ଚାଲୁଥିବାବେଳେ କେଉଁଠି ଅଧାପନ୍ତରିଆ କାମ କରି ଠିକା ସଂସ୍ଥା ଛୁମାରିଛି। କୋଟି କୋଟି ଟଙ୍କା ପାନୀୟଜଳ ପ୍ରକଳ୍ପରେ ଖର୍ଚ୍ଚ ହୋଇଥିବାବେଳେ ସଠିକ୍ ଢଙ୍ଗରେ ଗ୍ରାମ୍ୟ ପାନୀୟଜଳ ଯୋଗାଣରେ ଜନସାଧାରଣଙ୍କୁ ପାଣି ମୁନ୍ଦେ ମିଳିପାରିଲାନାହିଁ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଥିବାବେଳେ ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପକୁ ଧ୍ୟାନ ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଆଗକୁ ଆସୁଛି ଗ୍ରୀଷ୍ମଋତୁ। ଏଥିରେ ନିୟୋଜିତ ହୋଇଥିବା ପମ୍ପ ଚାଳକ ଯଦି ଧର୍ମଘଟରୁ ନ ଓହରନ୍ତି ନିଶ୍ଚିତ ଭାବେ ଦଶରଥପୁର ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଜନସାଧାରଣ ଜଳକଷ୍ଟର ସମ୍ମୁଖୀନ ହେବେ। ବିଭାଗୀୟ ଅଧିକାରୀ ବିରିପଟା ପଞ୍ଚାୟତସ୍ଥ ବରେଇଁ ଗ୍ରାମରେ ଅଚଳ ନଳକୂପ ଚାଲୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାହା ସ୍ୱାର୍ଥରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର

**ପାଣିକୋଇଲି, ୧୩।୨(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏ ନେଇ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର କରାଯାଇଛି। ଏହାର ସୁଫଳ ବା ପ୍ରଭାବ କେତେ ପଡୁଛି, ତାହାର ତଦାରଖ କରାଯାଉନାହିଁ। ଫଳରେ ଏହି ଯୋଜନା ସଫଳ ହେଉନାହିଁ। ପ୍ରଥମେ ପ୍ରତି ଘରକୁ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ କରାଯାଇ ପାଇଖାନା ଯୋଗାଣ କରାଯିବ ସହ ଗାଁ ମୁଣ୍ଡରେ ବାହ୍ୟ ମଳମୁକ୍ତ ଗାଁ ବୋଲି ଲେଖାଯାଇଥିଲା। ତେବେ ଏହି ପାଇଖାନାର କାର୍ଯ୍ୟକାରିତା କେତେ ବା ବାହ୍ୟ ମଳ ମୁକ୍ତ ବଦଳରେ ବାହ୍ୟ ମଳ ଯୁକ୍ତ ଅବସ୍ଥା ସୃଷ୍ଟି ହୋଇଛି।

ପ୍ରତି ପଞ୍ଚାୟତ ଓ ପ୍ରତି ଗ୍ରାମରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ସ୍ଥାନରେ ଅଳିଆ କୁଣ୍ଡ ନିର୍ମାଣ ସହିତ ବଜାରରେ ଦୋକାନ ଆଗରେ ଆବର୍ଜନା କୁଣ୍ଡ କରାଯାଇଥିଲା। ଆବର୍ଜନା କୁଣ୍ଡରେ ଆବର୍ଜନା ପକାଉ ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଇ ସଚେତନ କରାଯାଉଥିଲା। ଆବର୍ଜନାକୁ ନେଇ ପ୍ରତି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଆବର୍ଜନା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଶୁଖିଲା ଓ ଓଦା ଦ୍ରବ୍ୟକୁ ଅଲଗା ଭାବେ ରଖାଯିବା ପରେ ସେଗୁଡିକୁ ବ୍ୟାସନର ସହରକୁ ପଠାଯିବାକୁ ସ୍ଥିର କରାଯାଇଥିଲା। ଏହାର ଦାୟିତ୍ୱ ପ୍ରତି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ଏହାର ପରିଚାଳନା ପାଇଁ ପଞ୍ଚାୟତକୁ କୌଣସି ଗାଡ଼ି ଦିଆଯାଇନାହିଁ। କେବଳ ପଞ୍ଚାୟତକୁ ପରିଚାଳନା ଦାୟିତ୍ୱ ଦିଆଯାଇ କାଗଜ କଲମରେ ସୀମିତ ରଖାଯାଇଛି। ଫଳରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି। ଚାବି ପଡ଼ି ରହିଛି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର। ବର୍ଷେରୁ ଉର୍ଦ୍ଧ୍ୱ ଦିନ ଧରି ଏହା ତାଲା ପଡ଼ିରହିଛି। ସରକାର ଗୃହ ନିର୍ମାଣ କରି ଅର୍ଥ ଶ୍ରାଦ୍ଧ କରୁଥିବାବେଳେ ଯୋଜନାର ବାସ୍ତବତା କେତେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।




# ବ୍ଲକ୍‌ସ୍ତରୀୟ କ୍ଷେତ୍ର ଦିବସ ପାଳିତ

**ମଙ୍ଗଳପୁର, ୧୩।୨(ସମିସ):** ଦଶରଥପୁର ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆନୁକୂଲ୍ୟରେ ଦୁଦୁରାଅନ୍ତା ପଞ୍ଚାୟତ କାର୍ଯ୍ୟାଳୟରେ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବ୍ଲକ କୃଷି ଅଧିକାରୀ ବିଭୂତି ଭୂଷଣ ପତି, ବ୍ଲକ ବୈଷୟିକ ପରିଚାଳକ ପାର୍ଥପ୍ରୀତମ ସ୍ୱାଇଁ, ଦଶରଥପୁର ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶୁଭ୍ରଜିତ ବେହେରା, ଦୁଦୁରାଅନ୍ତା ପଞ୍ଚାୟତ ଭିଏଲଡବ୍ଲ୍ୟୁ ସମୀର ସୋରେନ ଯୋଗଦେଇ ଧାନ ପରବର୍ତ୍ତୀ ସମୟରେ କେମିତି ଡାଲି ଜାତୀୟ ଫସଲ ଚାଷ କରିବେ, ସେ ବିଷୟରେ ଚାଷୀଙ୍କୁ ଅବଗତ କରାଇଛନ୍ତି।



କିଛିଦିନ ପୂର୍ବରୁ ଚାଷୀଙ୍କୁ ରବି ଜାତୀୟ ବିହନ, ସାର, କୀଟନାଶକ ଔଷଧ ସରକାରଙ୍କ ପକ୍ଷରୁ ଏନଜିଓ ମାଧ୍ୟମରେ ବଣ୍ଟନ କରାଯାଇଥିଲା। ଉକ୍ତ ଚାଷ ସୁଚାରୁରୂପେ ହୋଇଛି କି ନାଁ ଏହାର କ୍ଷେତ୍ର ତଦନ୍ତ କରିବା ସହ ଭଲ ଅମଳ ପାଇବାକୁ ମୃତ୍ତିକା ପରୀକ୍ଷା କରିବା ପ୍ରଣାଳୀ ବୁଝାଇବା ସହ ଏହାର ସଦୁପଯୋଗ ପାଇଁ ପରାମର୍ଶ ଦେଇଥିଲେ। ସରକାରଙ୍କ ତରଫରୁ ଘୋଷଣା କରାଯାଇଥିବା କୃଷକ ପଞ୍ଜୀକରଣ ବିଷୟରେ ସବିଶେଷ ତଥ୍ୟ ଦଶରଥପୁର ବ୍ଲକ କୃଷି ଉପଅଧିକାରୀ ଶୁଭ୍ରଜ୍ୟୋତି ବେହେରା ଚାଷୀଙ୍କୁ ପ୍ରଦାନ କରିଥିଲେ। ଆଗାମୀ ଦିନରେ କୃଷି ସବସିଡି ପାଇବାକୁ ହେଲେ କୃଷକ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଥିଲେ। ଉକ୍ତ କୃଷକ ତାଲିମ ଶିବିରରେ ଦୁଦୁରାଅନ୍ତା ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ, ଦୁଦୁରାଅନ୍ତା ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ, କୃଷକ ସାଥୀ ଅଜୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଶରତ ତ୍ରିପାଠୀ, ବରିଷ୍ଠ କୃଷକ ବଟକୃଷ୍ଣ ମେକାପ, ଧରଣୀଧର ମେକାପ, ୱାର୍ଡସଭ୍ୟ ଦଶରଥ ମହାଲିକ, ଦୟାନିଧି ମହାଲିକ, ଚିତ୍ତରଞ୍ଜନ କୁଅଁର, ସନ୍ତୋଷ ବିଶ୍ୱାଳ ପ୍ରମୁଖଙ୍କ ସମେତ ଦୁଦୁରାଅନ୍ତା ପଞ୍ଚାୟତର ୧୦୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ।



## ବରିଷ୍ଠ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୧୩।୨(ସମିସ):** ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ବାର୍ଷିକ ସମ୍ମିଳନୀ ଆସନ୍ତା ୧୬ ତାରିଖରେ ପାଳନ କରିବ। ଏଥିନିମନ୍ତେ ପ୍ରସ୍ତୁତି ବୈଠକ ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁରେନ୍ଦ୍ର ରାୟ ପ୍ରସ୍ତୁତି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ସମ୍ମିଳନୀରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ପ୍ରମୁଖ କର୍ମକର୍ତ୍ତା, ପ୍ରବୀଣ ସାହିତ୍ୟିକ ଓ ବିଭିନ୍ନ ସଂଗଠନ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ପତ୍ରକାର ଓ ପ୍ରମୁଖ ପଦାଧିକାରୀ ଯୋଗଦେବା କାର୍ଯ୍ୟକ୍ରମ ଥିବା ପ୍ରକାଶ କରିଥିଲେ। ଏ ଅବସରାରେ ସ୍ମରଣିକା ପ୍ରଜ୍ଞା ପାଦପର ଉନ୍ମୋଚନ ସହିତ ଶତାୟୁ ସମ୍ମାନ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ପ୍ରଧାପକ ଉମାକାନ୍ତ ଖଣ୍ଡାଇ, ପ୍ରଧାପକ ଡଃ ଦାମୋଦର ମହାପାତ୍ର, ନିରଞ୍ଜନ ରାଉତ, ସତ୍ୟରଞ୍ଜନ ସ୍ୱାଇଁ, ସନାତନ ବିଶ୍ୱାଳ, ବସନ୍ତ ବେହେରା, ସତ୍ୟାନନ୍ଦ ମହାରଣା, ବୃନ୍ଦାବନ ଜେନା, ମୁରଲୀଧର ଖଣ୍ଡାଇ, ଭରତ ବାରିକ, ଗୌରାଙ୍ଗ ବାରିକ, ଗୋକୁଳାନନ୍ଦ ମହାରଣା, ନିମାଇଁ ଚରଣ ଜେନା ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିବାର ପରାମର୍ଶ ଦେଇଥିଲେ।

## ପାରିପଦା ଗାଁରେ ମିଳୁନି ପାଣି

# ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲେ ମହିଳା



**କୟାଁଗୋଲା, ୧୩।୨(ସମିସ)**

ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ପାଣି ପାଇଁ ହାହାକାର ପଡ଼ିଛି। ଏହି ପାଣି ପାଇଁ ପ୍ରତିବାଦ ସ୍ୱରୂପ ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଶତାଧିକ ମହିଳା ରାସ୍ତା ଅବରୋଧ କରି ପାଣି ଯୋଗାଇବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତସ୍ଥ ପାରିପଦା ଗ୍ରାମରେ। ଏହି ଗ୍ରାମରେ ଗତ ଦୁଇଦିନ ଧରି ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ଟ୍ୟାପରୁ ପାଣି ଆସୁନାହିଁ। ଗ୍ରାମ୍ୟ ଜଳଯୋଗାଣ ଓ ପମ୍ପ ଚାଳକ ଗତ ଦୁଇଦିନ ଧରି ଆନ୍ଦୋଳନ ଫଳରେ ଜଳଯୋଗାଣ ଠପ୍ ହୋଇଯାଇଛି। ପମ୍ପ ଚାଳକ ପମ୍ପ ଚଲାଉ ନ ଥିବାରୁ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ପାରିପଦା ସମେତ କୋତପୁର, ହରିହରପୁର ଗ୍ରାମ ଓ ପାରିପଦାର ମଲ୍ଲିକ ସାହି, ସାମଲ ସାହି, ସେଠୀ ସାହି, ବିଶ୍ୱାଳ ସାହି, ପ୍ରଧାନ ସାହି, ଦାସ ସାହି, ଖୁଣ୍ଟିଆ ସାହିର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଟ୍ୟାପରୁ ପାଣି ଯୋଗାଣ ବନ୍ଦ ଥିବାରୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏସବୁ ଗ୍ରାମର ମହିଳା ଆଜି ଅପରାହ୍ନରେ ଗ୍ରାମର ହେନାରାଣୀ ସାହୁ, ବନୀତା ସାହୁ, ସୂର୍ଯ୍ୟମଣି ସାହୁ, କାଞ୍ଚନବାଳା ସାହୁ, ବାସନ୍ତୀ ସାହୁ, ମନୋରମା ସାହୁ, ଦମୟନ୍ତୀ ଦଳାଇ, ରାଜଲକ୍ଷ୍ମୀ ସାହୁ, ସସ୍ମିତା ସାହୁ, ଶ୍ରୀମତୀ ପୋଥାଳ, ରଶ୍ମିତା ସାହୁ, ସବିତା ସେଠୀ, ମଧୁ ସେଠୀ, ସରସ୍ୱତୀ ସାହୁ ପ୍ରମୁଖ ମହିଳାଙ୍କ ନେତୃତ୍ୱରେ ଶତାଧିକ ମହିଳା ବାଲଟି ଓ ମାଡ଼ିଆ, ଗରା ପ୍ରଭୃତି ରାସ୍ତା ଉପରେ ଥୋଇ ପ୍ରତିବାଦ କରିବା ସହ ମଙ୍ଗଳପୁର-ଦତ୍ତପୁର ମୁଖ୍ୟ ରାସ୍ତାକୁ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ତୁରନ୍ତ ଆନ୍ଦୋଳନରତ କର୍ମଚାରୀଙ୍କ ଆନ୍ଦୋଳନକୁ ସରକାର ସମାଧାନ କରି ପୂର୍ବପରି ସେମାନଙ୍କୁ ପାଣି ଯୋଗାଇ ଦେବାକୁ ଦାବି ଜଣାଇଥିଲେ। ଗ୍ରାମର କିଛି ମୁରବୀ ଶ୍ରେଣୀୟ ଲୋକ ବୁଝାସୁଝା କରି ଏହି ରାସ୍ତାରୋକକୁ ହଟାଇ ଥିବାବେଳେ ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

## ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାମ

## ମାଟି ଅତଡ଼ା ଖସିଲା, ବର୍ତ୍ତିଲେ ଶ୍ରମିକ



**କବାଟବନ୍ଧ, ୧୩।୨(ସମିସ):** ଜାତୀୟ ରାଜପଥର ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାମ ଚାଲିଥିବାବେଳେ ମାଟି ଅତଡ଼ା ଖସିଛି। ତେବେ କାମ କରୁଥିବା ଶ୍ରମିକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଶ୍ରମିକଙ୍କ ସୁରକ୍ଷା ଉପରେ କୌଣସି ପ୍ରକାର ପଦକ୍ଷେପ ନେଉ ନ ଥିବା ଠିକା ସଂସ୍ଥା ମଧ୍ୟ ଏଭଳି ଘଟଣାକୁ ଅତି ଖାମଖିଆଲ ଭାବେ ଗ୍ରହଣ କରୁଥିବା ଜଣାପଡ଼ିଛି।

ଚଣ୍ଡିଖୋଲ-ଦୁବୁରି ଜାତୀୟ ରାଜପଥର ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ନିକଟରେ ନିର୍ମାଣାଧୀନ ଦ୍ୱିତୀୟ ବ୍ରାହ୍ମଣୀସେତୁ ନିର୍ମାଣ କାର୍ଯ୍ୟ ଚାଲୁଛି। କବାଟବନ୍ଧ ପାଖ ଦ୍ୱିତୀୟ ବ୍ରିଜ୍ ପାଇଁ ତିଆରି ହେଉଥିବା ୧ ନମ୍ବର ପିଲାର ଚାରିପଟ ଖୋଳାଯାଇଥିବା ମାଟିକୁ ଭୂମିଠାରୁ କିଛି ଗଭୀରରେ ଭିତର ପଟରୁ ଖୋଳି ଦିଆଯାଇଥିଲା। ଫଳରେ ମାଟି ଅତଡ଼ା ଖସିବାର ବହୁ ସମ୍ଭାବନା ରହିଥିଲା। ଉକ୍ତ ସ୍ଥାନରେ ଶ୍ରମିକମାନେ କାମ କରୁଥିବା ସମୟରେ ମାଟି ଅତଡ଼ା ଖସିବାରୁ କୌଣସି ସପର୍ଟ ନ ପାଇ ବଡ଼ ବଡ଼ ଲୁହା ଆଙ୍ଗେଲ ଖସି ପଡ଼ିଥିଲା। ଏଥିରେ ଶ୍ରମିକଙ୍କ କୌଣସି କ୍ଷତି ହୋଇ ନ ଥିଲା। ଠିକାସଂସ୍ଥା ଏମ୍‌ଆଇଏସଏଲ୍ ପକ୍ଷରୁ ଏଠାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ଠିକାସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଭାରତୀବିହାର କଲେଜରେ ଭାଲୁ

**ସୁକିନ୍ଦା, ୧୩।୨(ସମିସ):** ଭାରତୀବିହାର କଲେଜ ପରିସରରେ ଭାଲୁ ଆତଙ୍କ ସୃଷ୍ଟି କରିଥିବା ଜଣାପଡ଼ିଛି। ହରିପୁରସ୍ଥ ଭାରତୀବିହାର କଲେଜ ପରିସରରେ ବୁଧବାର ରାତିରେ ଏକ ଭାଲୁ ଥିବା ସ୍ଥାନୀୟ ଲୋକେ ଦେଖି ସୁକିନ୍ଦା ବନ ବିଭାଗଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଭାଲୁକୁ ପାଖ ଜଙ୍ଗଲ ଆଡ଼କୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି।

## ମଦ୍ୟପାନ କରୁଥିବାବେଳେ ଟଳିପଡ଼ିଲେ ଯୁବକ

**ଧର୍ମଶାଳା, ୧୩।୨(ସମିସ):** ଆରୁହାସ୍ଥ ଏକ ହୋଟେଲ ବାହାରେ ମଦ୍ୟପାନ କରୁଥିବାବେଳେ ବାହାର ରାଜ୍ୟର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ମହାରାଷ୍ଟ୍ରର ଥାନେ ଜିଲ୍ଲା କୁଲୱା ଥାନା ଗୋଶାଳିଆ ଅଞ୍ଚଳର ଯୋଗେନ୍ଦ୍ର ରାଓ (୪୫) ବୋଲି ଜଣାପଡ଼ିଛି। ସେ ଦୀର୍ଘଦିନ ଧରି ବଡ଼ଚଣାର ଏକ ଟ୍ରକ୍ ବଡି ତିଆରୀ କାରଖାନାରେ କାମ କରୁଥିଲେ। ସେ ସବୁବେଳେ ଅତ୍ୟଧିକ ମଦ୍ୟପାନ କରୁଥିଲେ। ମାଲିକ ତାଙ୍କୁ କାମରୁ ବାହାର କରିଦେଇଥିଲେ। ମୃତ ଯୋଗେନ୍ଦ୍ର ସେଠାରୁ ବାହାରିବା ପରେ ଘରକୁ ନ ଫେରି ସାଙ୍ଗମାନଙ୍କ ସହ ମଦ୍ୟପାନ କରୁଥିଲେ। ସେ ଟଳିପଡ଼ିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସିଡିଏମ୍‌ଓ, ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇର ବିକ୍ଷୋଭ




**ଯାଜପୁର ଟାଉନ, ୧୩।୨(ସମିସ):** ଏସୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଆଜି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୯ଟି ବ୍ଲକରୁ ଆସିଥିବା ଶହ ଶହ ଚାଷୀ, ମୂଲିଆ, ଶ୍ରମିକ, ଛାତ୍ର, ଯୁବକ, ମହିଳା ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି କୁସୁମା ପୋଖରୀ ଛକରୁ ଶୋଭାଯାତ୍ରାରେ ଜିଲ୍ଲାପାଳ ଅଫିସ ଅଭିମୁଖେ ବାହାରି ଥିଲେ। ଦରଦାମ୍ ବୃଦ୍ଧି ବନ୍ଦ କରିବା, ଚାଷୀ ଓ ଭାଗଚାଷୀଙ୍କଠାରୁ ଉପଯୁକ୍ତ ମୂଲ୍ୟଦେଇ ଧାନ ସଂଗ୍ରହ କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଯାଜପୁର ମେଡିକାଲରେ ଏମଆରଆଇ, ସିଟି ସ୍କାନ ଓ ଏଣ୍ଡୋସ୍କୋପି ଆଦି ବ୍ୟବସ୍ଥା କରିବା, ବେକାର ଯୁବକ/ଯୁବତୀଙ୍କୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦାର ଖଣି ଅଞ୍ଚଳରେ ନିଯୁକ୍ତି ଦେବା, ପ୍ରତି ପରିବାରକୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଇ ଦେବା, ସ୍ମାର୍ଟ ମିଟର ବନ୍ଦ କରିବା, ଯାଜପୁର ମେଡିକାଲ ସମେତ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା, ସ୍କୁଲ କଲେଜରେ ଖାଲିପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ କରିବା, ଦାନଗଦି ତହସିଲ ଅନ୍ତର୍ଗତ ଶାଳିଜଙ୍ଗା ମୌଜାର ବେଣାପାଟିଆ ଗ୍ରାମବାସୀଙ୍କୁ ଦଖଲିକୃତ ଚାଷ ଜମିର ପଟ୍ଟା ପ୍ରଦାନ କରିବା, ଯାଜପୁର ରୋଡଠାରୁ ବିରଜାକ୍ଷେତ୍ର ଦେଇ ଧାମରାକୁ ରେଳ ସଂଯୋଗ କରିବା ଆଦି ଦାବି ନେଇ ବିକ୍ଷୋଭ କରିଥିଲେ। ରାସ୍ତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଫିସ୍ ସମ୍ମୁଖରେ ପ୍ରତିବାଦ ସଭା ଜିଲ୍ଲା କମିଟି ସଦସ୍ୟ କମ୍ରେଡ ବିଜୟାନନ୍ଦ ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅଚ୍ୟୁତ ପ୍ରଧାନ, ରାଧାବଲ୍ଲଭ ମଲ୍ଲିକ, ସୁବାସ ମଲ୍ଲିକଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ସିଡିଏମ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପରେ ଶୋଭାଯାତ୍ରା ଜିଲ୍ଲାପାଳ ଅଫିସ ଅଭିମୁଖେ ଅଗ୍ରସର ହୋଇଥିଲା। ସେଠାରେ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ସୁରେଶ ପ୍ରଧାନ, କେଦାରନାଥ ସାହୁ, ତରଙ୍ଗିଣୀ ଦାସ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ଜିଲ୍ଲା ସମ୍ପାଦକଙ୍କ ନେତୃତ୍ୱରେ ପାଞ୍ଚଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

## ଷଣ୍ଢ ବୋଝେଇ ବୋଲେରୋ ଦୁର୍ଘଟଣାଗ୍ରସ୍ତ



**ସୁକିନ୍ଦା, ୧୩।୨(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ବୋଲେରୋ ଓଲଟି ପଡ଼ିବା ପରେ ସେଥିରେ ଗୋଡ଼ ବନ୍ଧାହୋଇ ପଡ଼ିଥିବା ତିନୋଟି ଷଣ୍ଢ ଉଦ୍ଧାର ହେବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଘଟଣାର ତଦନ୍ତ ଜାରି ରଖିଛି। ଗୁରୁବାର ଭୋର ସମୟରେ ଏକ ବୋଲେରୋ ସୁକିନ୍ଦା ଛକ ନିକଟ ରେଙ୍ଗାଲି କେନାଲ ପୋଲ ନିକଟରେ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଗାଡ଼ି ଭିତରେ ଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଲୋକେ ପହଞ୍ଚିବା ପରେ ଗାଡ଼ି ଭିତରେ ତିନୋଟି ଷଣ୍ଢଙ୍କ ଗୋଡ଼ ଓ ମୁହଁ ବନ୍ଧାହୋଇ ପଡ଼ିଥିବା ଦେଖିଥିଲେ। ଗାଡ଼ିର ମଝି ଓ ପଛ ସିଟ୍ ନ ଥିବା ଦେଖିବାକୁ ମିଳିଥିବାବେଳେ ଆଗ ସିଟ୍ ଥିଲା। ଲୋକେ ଷଣ୍ଢକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସୁକିନ୍ଦା ପୁଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ବୋଲେରୋ ଗାଡ଼ି ଛାତ କାଟି ଷଣ୍ଢଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ଗାଡ଼ିର ଡ୍ରାଇଭର ଫେରାର ହୋଇଥିବାବେଳେ ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ୧୮ରୁ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନର ଆନ୍ଦୋଳନ

**ବଡ଼ଚଣା, ୧୩।୨(ସମିସ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ରାଜ୍ୟ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନ ଆସନ୍ତା ୧୮ ତାରିଖରୁ ଆନ୍ଦୋଳନକୁ ଜୋରଦାର କରାଯିବାକୁ ନିଷ୍ପତ୍ତି ନେଇଛି। ମୂଳ ଚାକିରି ୪୨୦୦ ଟଙ୍କା ଗ୍ରେଡ୍ ପେ ବେସିକ୍ ପେ ୩୫ ହଜାର ୪୦୦ ଟଙ୍କା, ଠିକା ପ୍ରଥା ଉଚ୍ଛେଦ, ୬ଟି ନେସନାଲ ଇନକ୍ରିମେଣ୍ଟ ପ୍ରଦାନ ଦାବି ନେଇ ସଂଗଠନ ପକ୍ଷରୁ ବ୍ୟାପକ ଆନ୍ଦୋଳନ ଭୁବନେଶ୍ୱର ପିଏମ୍‌ଜି ଛକରେ କରିବ ବୋଲି ଚେତାବନୀ ଦେଇଛି। ସରକାର ଯଦି ୧୭ ତାରିଖ ସୁଦ୍ଧା ଆମ ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ୧୮ ତାରିଖରୁ ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଛି ସଂଗଠନ। ଉକ୍ତ ଦିନ ପିଏମ୍‌ଜି ଛକର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଦାବି ପୂରଣ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ହାଇପାୱାର କମିଟି ସଭ୍ୟ ଅଜୟ ଧଳ, ସମ୍ପାଦକ ପ୍ରବୀଣ ଦାସ, ଶ୍ରୀକାନ୍ତ ବାରିକ, ଆବାହକ ଅଜିତ ମହାରଣା, ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନର ସମ୍ପାଦକ ଦେବେନ୍ଦ୍ର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୈତିକ କାର୍ଯ୍ୟ ଭିଡିଓ ଭାଇରାଲର ତଦନ୍ତ ନିର୍ଦ୍ଦେଶ

**ବରୀ, ୧୩।୨(ସମିସ):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ମଧ୍ୟରେ ଅନୈତିକ କାର୍ଯ୍ୟ ଚାଲିଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବରୀ ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଏଭଳି କାର୍ଯ୍ୟକଳାପ ପାଇଁ ସାଧାରଣରେ ଅସନ୍ତୋଷ ଦେଖା ଦେବା ସହ ନିନ୍ଦା କରଯାଇଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସବ୍ୟସାଚୀ ଦାସ ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଆଉଟ ସୋର୍ସିଂ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥା ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇଛି। ରିପୋର୍ଟ ଆସିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡା. ଦାସ ସୂଚନା ଦେଇଛନ୍ତି।

## ଉତ୍ତମ ମହାନ୍ତିଙ୍କ ପାଇଁ ସମୂହ ଦୀପଦାନ

**ଯାଜପୁର, ୧୩।୨(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବରିଷ୍ଠ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ



ଆଶୁ ଆରୋଗ୍ୟ କାମନା କରି ମା'ବିରଜାଙ୍କ ନିକଟରେ ସମୂହ ଦୀପଦାନ କରାଯାଇଛି। ଉତ୍ତମ ମହାନ୍ତିଙ୍କ ଅସୁସ୍ଥ ଥିବାରୁ ଦିଲ୍ଲୀରେ ଚିକିତ୍ସାଧୀନ ଅଛନ୍ତି। ଆଜି ସକାଳୁ ଅନ୍ୱେଷଣ ଥିଏଟର ଗ୍ରୁପର ସମସ୍ତ ସଦସ୍ୟ ଓ ସଦସ୍ୟା ଏକତ୍ରିତ ହୋଇ ମା'ବିରଜାଙ୍କ ପାଖରେ ପୂଜାର୍ଚ୍ଚନା କରି ସମୂହ ଦୀପଦାନ କରିଥିଲେ। ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ ଶିଶିର ମହାପାତ୍ର, ଜିତେନ୍ଦ୍ର ରାଉତ, କୋର କମିଟି ସଦସ୍ୟ ଅଶୋକ ପାଣିଗ୍ରାହୀ, ସୋମନାଥ ନାୟକ, ରବିନାରାୟଣ ରାଉତ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା କାମ ନିମ୍ନମାନର ଅଭିଯୋଗ

**ବରୀ, ୧୩।୨(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବରୀ ଅଞ୍ଚଳରେ କୋଟି କୋଟି ଟଙ୍କାର ନିର୍ମାଣ କାମ ହେଉଛି। ତେବେ କାମ ସରିବା ପୂର୍ବରୁ ଗୋଡ଼ି ଉଠିଯାଉଛି। ଖବର ପ୍ରସାରଣ ହେବା ଓ ଗ୍ରାମବାସୀ ଅଭିଯୋଗ କରିବା ପରେ ମଧ ଅଧିକାରୀଙ୍କ ଖାତିର ନାହିଁ। ଫଳରେ ଗ୍ରାମବାସୀ କାମ ବନ୍ଦ କରିଛନ୍ତି। ବରୀ ବ୍ଲକ ଅଧୀନସ୍ଥ ରତ୍ନଗିରି ପଞ୍ଚାୟତୀ ଆଲିଆବାଦଠାରୁ ପଟଣା ହନୁମାନ ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଉଛି ରାସ୍ତା। ତେବେ ନିର୍ମାଣ କାମ ଅତି ନିମ୍ନମାନର ହେଉଥିବାରୁ କିଛି ସ୍ଥାନରେ ଭାଙ୍ଗିରୁଜି ଗଲାଣି। ଏ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ କାମ ବନ୍ଦ କରିଛନ୍ତି। ରାସ୍ତା କାମରେ ପତଳା ବାଲି, ନିମ୍ନମାନର ଚିପ୍ସ ବ୍ୟବହାର ହେବା, ଆବଶ୍ୟକ ମୁତାବକ ପାଣି ଦିଆ ନ ଯିବା ଯୋଗୁଁ ରାସ୍ତାରୁ ଗୋଡ଼ି ଉଠିଯିବା ଆଶଙ୍କା କରି ଗ୍ରାମବାସୀ କାମ ବନ୍ଦ ରଖିଛନ୍ତି। ସୂଚନା ଫଳକ ଥିବାବେଳେ ଏଥିରେ ବ୍ୟୟ ଅଟକଳ ଓ କେଉଁ କେଉଁ ପ୍ରକାର କାର୍ଯ୍ୟ କରାଯିବ ଉଲ୍ଲେଖ ନ ଥିବାରୁ ଦାୟିତ୍ୱରେ ଥିବା ଠିକାଦାର ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ବିଭାଗୀୟ କର୍ତ୍ତୃପକ୍ଷ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହିତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିତ୍ତରଞ୍ଜନ ଜେନା, ରାମ ଜେନା, ସୁମତି ଜେନା, ମୋହନ ଜେନା, କୈଳାସ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।



## ଧର୍ମଶାଳା ପ୍ରେସ୍ କ୍ଲବ୍ ପ୍ରତିଷ୍ଠାତା ସଦସ୍ୟାଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା, ୧୩।୨(ସମିସ):** ଧର୍ମଶାଳା ପ୍ରେସ୍ କ୍ଲବ୍‌ର ପ୍ରତିଷ୍ଠାତା ପ୍ରେମଲତା ଜେନା(୭୦)ଙ୍କ ବିୟୋଗରେ ପ୍ରେସ କ୍ଲବ୍‌ରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରେସ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ ଓ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ଯୋଗଦେଇ ପ୍ରେମଲତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସହସମ୍ପାଦକ ମାନସ ଜେନା, କୋଷାଧ୍ୟକ୍ଷ ଅଖିଳ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ, ବିବେକ ରାୟ, ଅକ୍ଷୟ ରାଉତ, ବିକ୍ରମ ମହାନ୍ତି, ବିନୋଦ ସାହୁ, ବିନୋଦ ବିହାରୀ ପରିଡ଼ା, କପିଳେନ୍ଦ୍ର ରାଉତ, ଗିରିଧାରୀ ବେହେରା, କିଶୋର କୁମାର ରାଉତ ପ୍ରମୁଖ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତା ଜେନାଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଗ୍ରାମ ମୁରବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା, ୧୩।୨( ସମିସ):** କୋତପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ଅଧିକାରୀ ତଥା କୋତପୁର ଜେନା ସାହିର ମୁରବୀ ସୁବାସ ଚନ୍ଦ୍ର ଦକ୍ଷିଣରାୟ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ନରେନ୍ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ସମାଜସେବୀ ଗୋଲକ ପଲେଇ, ଶ୍ରମିକ ନେତା ନୃସିଂହ ମିଶ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଅବନୀକାନ୍ତ ଜେନା, ଅବସରପ୍ରାପ୍ତ ଲେବର କମିଶନର ଉମାକାନ୍ତ ଜେନା, ସମାଜସେବୀ ସନ୍ତୋଷ ଜେନା, ସୁକାନ୍ତ ସାମଲ, ଅମରେନ୍ଦ୍ର ଜେନା, ରଜନୀକାନ୍ତ ଜେନା, ପର୍ଶୁକାନ୍ତ ଜେନା, ମାନସ ଜେନା, ଦେବାଶିଷ ସାମଲ, ସ୍ୱରାଜ ଜେନା, ଅଜିତ ଜେନା, ପ୍ରଭାସ ଜେନା, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ ଓ ସାମାଜିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ପରିବାର ପକ୍ଷରୁ ସୁରେଶ ଜେନା, ଆଲୋକ ବଡ଼ଜେନା, ଦୀପକ ଜେନା, ରଜତ ଜେନା ଓ ପ୍ରିୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରୟାସ କ୍ଲାସେସ୍ ଏବେ ସର୍ବାଦୃତ

# ନିଟ୍ ପରେ ଜେଇଇ ମେନ୍‌ରେ ୧୪୫ ଛାତ୍ରଛାତ୍ରୀଙ୍କ ସଫଳତା



**ବ୍ୟାସନଗର, ୧୩।୨(ସମିସ)**

ପ୍ରକାଶ ପାଇଛି ଜେଇଇ ମେନ ପ୍ରଥମ ପର୍ଯ୍ୟାୟର ପରୀକ୍ଷା ଫଳ। ଏଥିରେ ବାଜିମାତ୍ କରି ଯାଜପୁର ଜିଲ୍ଲା ତଣ୍ଡରାସ୍ଥ ପ୍ରୟାସ ଶିକ୍ଷାନୁଷ୍ଠାନ ନିଟ୍ ଭଳି ଏଥିରେ ମଧ ନିଜର ଉପସ୍ଥିତ ଜାହିର କରିଛି। କୋଚିଂ ଶିକ୍ଷାକ୍ଷେତ୍ରରେ ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ନିଜକୁ ପରିଗଣିତ କରାଉଥିବା ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପୁଣି ଶିଖର ଛୁଇଁଛନ୍ତି। ଏହାର ଛାତ୍ର ଆଦିତ୍ୟ ଅର୍ପଣ ସାହୁ ୯୯.୭୧ ଶତାଂଶ ସହିତ ଟପ୍ପର ହୋଇ ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଉନ୍ନତ ଶିକ୍ଷାଦାନ ଓ ଶୃଙ୍ଖଳାକୁ ମୂଳମନ୍ତ୍ର କରିଥିବା ଏହି ଶିକ୍ଷାନୁଷ୍ଠାନ ମେଡିକାଲ କୋଚିଂ ପରେ ଏବେ ଜେଇଇ ମେନ୍ ନିମନ୍ତେ କୋଚିଂ ପ୍ରଦାନରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ଦିନକୁ ଦିନ ନିଜ ଶିକ୍ଷାଦାନର ମାନ ବୃଦ୍ଧି କରି ଦେଶରେ ପ୍ରମୁଖ କୋଚିଂ

- **ଆଦିତ୍ୟ ଅର୍ପଣ ୯୯.୭୧ ଶତାଂଶ ସହ ଟପ୍ପର**
- **ପ୍ରଥମ ପର୍ଯ୍ୟାୟ ଜେଇଇ ମେନ୍‌ରେ ୨୭ ଜଣ ୯୭ ଶତାଂଶ, ୫୩ ଜଣ ୯୫ ଶତାଂଶ, ୧୧୫ ଜଣଙ୍କ ୯୦ ଶତାଂଶ ଉପରେ ମାର୍କ**

ଅନୁଷ୍ଠାନର ମାନ୍ୟତା ହାସଲ କରିଛି। ଏପରିକି ଦେଶରେ ପୂର୍ବରୁ ରହିଥିବା ଅନ୍ୟ କେତୋଟି କୋଚିଂ ଶିକ୍ଷାନୁଷ୍ଠାନକୁ ବହୁ ପଛରେ ପକାଇ ସଫଳତା ହାସଲ କରିଚାଲିଛି।

ପୂର୍ବ ବର୍ଷ ତୁଳନାରେ ଉନ୍ନତ ପ୍ରଦର୍ଶନ କରି ସର୍ବଭାରତୀୟ ସ୍ତରରେ ନିଜର ପ୍ରଭୁତ୍ୱ ବିସ୍ତାର କରିଛି। ସବୁଠୁ ନିଆରା ଭାବେ ଏହି ଶିକ୍ଷାନୁଷ୍ଠାନ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ପ୍ରଥମେ ମେଡିକାଲ ନିମନ୍ତେ ଶିକ୍ଷାଦାନ କରିବା ସହିତ ସରକାରୀ ଭେଷଜ ମହାବିଦ୍ୟାଳୟରେ ସିଟ୍ ନ ପାଇବା ପର୍ଯ୍ୟନ୍ତ ବିନା ମୂଲ୍ୟରେ କୋଚିଂ ପ୍ରଦାନ କରୁଛି। ଫଳରେ ଗୋଟିଏ ବର୍ଷ ମାଗଣା ଶିକ୍ଷାଦାନ ପାଇ ଡାକ୍ତର ହେବାର ଅନେକ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର ସଞ୍ଜୀବନୀ ସାଜିଛି ଏହି ଶିକ୍ଷାନୁଷ୍ଠାନ।

ମଙ୍ଗଳବାର ପ୍ରକାଶିତ ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଫଳାଫଳ ଘୋଷଣା ପରେ ସରକାରୀ ଭାବେ ପ୍ରୟାସର ଶତାଧିକ ଛାତ୍ରଛାତ୍ରୀ ସରକାରୀ ଇଂଜିନିୟରିଂ ମହାବିଦ୍ୟାଳୟ ଓ ଏନଆଇଟିରେ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।





କେବଳ ନିଟ୍ ନୁହେଁ +୨ ଓ ଜେଇଇରେ ମଧ ସଫଳତା ହାସଲ କରି ରାଜ୍ୟର ହାତଗଣତି କେତୋଟି ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିଥିବାବେଳେ ଚଳିତବର୍ଷର ସଫଳତା ସବୁ ସଫଳତାକୁ ଟପିଯାଇଛି। ଚଳିତଥର ୧୪୫ ଜଣ ସଫଳତା ପାଇଥିବାବେଳେ ୨୭ ଜଣ ଛାତ୍ରଛାତ୍ରୀ ୯୭ ଶତାଂଶରୁ ଅଧିକ ନମ୍ବର ରଖିଥିବାବେଳେ ୫୩ ଜଣ ୯୫ ଶତାଂଶରୁ ଅଧିକ ଓ ୧୧୫ ଜଣ ୯୦ ଶତାଂଶରୁ ଅଧିକ ନମ୍ବର ରଖିବା ସହିତ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି।

ସେହିପରି କଲେଜର ଆଦିତ୍ୟ ଅର୍ପଣ ସାହୁ, ଓମପ୍ରକାଶ ଜେନା, ରୋନିତ ପଣ୍ଡା, ସ୍ୱପ୍ନେଶ ବେହେରା, ଅମରଦୀପ ବୈଠ, ଶୁଭମଜିତ ସାହୁ, ଜୟଜିତ ଧଳ, ତମନ୍ନା ଭଞ୍ଜ, ସୌମ୍ୟଜିତ ଜେନା, ଓଁକାର ପ୍ରିୟରଞ୍ଜନ ରାଉତ, ମୋତିଲିପ୍ସା ସାହୁ, ଏଏସ ଅଂଶୁମାନ, ସ୍ମୃତିରଞ୍ଜନ ମିଶ୍ର, ଗୌରବ ପ୍ରଧାନ, ଉଲ୍ଲାସ ରାଉତ, ଆଦିତ୍ୟ ଯାଦବ, ହର୍ଷିତ ସାହୁ, କୁମାର ପ୍ରିନ, ଶ୍ରୀକ୍ରିଷ୍ଣା ବେହେରା, ଦେବସ୍ମିତ ମହାନ୍ତି, ଓମ ଜେନା, ଅମିଷା ପହି, ରିତିଶା ବର୍ଦ୍ଧନ, ପ୍ରିୟାଂଶୁ ପ୍ରିୟଜିତ ନାୟକ, ସୌଲାନ ମହନ୍ତ, ଚିନ୍ମୟ ସାହୁ, ଅନ୍ୱେଷା ପାଣି ପ୍ରମୁଖ ୯୭ ଶତାଂଶରୁ ଅଧିକ ନମ୍ବର ରଖି ଜେଇଇ ମେନ ପ୍ରଥମ ପର୍ଯ୍ୟାୟ ରେଜଲ୍ଟରେ ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏଭଳି ସଫଳତା ପରେ କଲେଜ ପରିସରରେ ଉତ୍ସବର ମାହୋଲ ସୃଷ୍ଟି ହେବା ସହିତ ଆଗାମୀ ଦିନରେ ସଫଳତା ଧାରାକୁ ଊର୍ଦ୍ଧ୍ୱମୁଖୀ କରିବାକୁ ସମସ୍ତ ପ୍ରୟାସ କରାଯିବ ବୋଲି କଲେଜର ଚେୟାରମ୍ୟାନ ନିହାର ରଞ୍ଜନ ଦାସ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## 'ଆମ ସଂସ୍କୃତି, ଆମ ଖେଳଣା' ଉତ୍ସବ



**ଭଦ୍ରକ, ୧୩।୨(ସମିସ):** ଧାମନଗର ବ୍ଲକ ବାଲିପାଟଣାସ୍ଥିତ ଜୟକିଷାନ ନୋଡାଲ ହାଇସ୍କୁଲରେ କୁନିକୁନି ପିଲାମାନଙ୍କର ସାମଗ୍ରୀକ ବିକାଶ ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରେମଲତା ଦାଶଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ଆମ ସଂସ୍କୃତି ଆମ ଖେଳଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ ମିଶ୍ର ପିଲାବେଳେ କିପରି କାଦୁଅ ମାଟି, ବରଡ଼ା, କାଗଜ, କାଠ ଆଦି ବ୍ୟବହାର କରି ବିଭିନ୍ନ ଖେଳଣା ତିଆରି କରୁଥିଲେ ପିଲାମାନଙ୍କୁ କହିଥିବା ବେଳେ ଏସଏମସି ଅଧ୍ୟକ୍ଷ ଆଲୋକ ପରିଡ଼ା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନିରୋଦ ନାୟକ, ବିଜୟ ଗୋଚାୟତ, ରାମସିଂ ଟୁଡ୍ଡୁ, ଗୌତମ ସେଠୀ, ବିକାଶ ସାମଲ, ଶିକ୍ଷୟିତ୍ରୀ ଜୋତ୍ସ୍ନାରାଣୀ ନାୟକ ସହଯୋଗ କରିଥିଲେ।

## କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

### ୩୫ ବର୍ଷଧରି ରାସ୍ତାପାର୍ଶ୍ୱରେ ଚାଲିଛି ଗୋବିନ୍ଦପୁର ସାପ୍ତାହିକ ହାଟ

ଅସୁରାଳି, ୧୩।୨(ସମିସ)



ଧାମନଗର ବ୍ଲକ ଗୋବିନ୍ଦପୁର ଗ୍ରାମର ଏକ ସାପ୍ତାହିକ ହାଟ ଆଜକୁ ୩୫ ବର୍ଷ ଧରି ରାସ୍ତାକଡ଼ରେ ସପ୍ତାହରେ ଦୁଇ ଥର ସୋମବାର ଓ ଶୁକ୍ରବାର ବସିଆସୁଛି। ଏଇ ହାଟ ଉପରେ ନିର୍ଭର କରନ୍ତି ୧୮-୨୦ ଗ୍ରାମ। କଲ୍ୟାଣୀ, ମାଙ୍କିଡ଼ିଆ, କୁଶୁମା, ତାମ୍ପଳା, ଚୁଡାକୁଟି, ଦଇପୁର, ବାବୁରି ଗାଁ, ସ୍ୱାମୀପାଟଣା, ଇଚ୍ଛାପୁର, କୋରୁଆ, ମଙ୍ଗଳପୁର, ଝାରଡ଼ିଆ, ଉଚପଦା ପ୍ରଭୃତି ଗ୍ରାମର ଲୋକ ସପ୍ତାହରେ ଦୁଇଦିନ ହାଟକୁ ଆସନ୍ତି। ଏହି ସାପ୍ତାହିକ ହାଟଟି ବାରିକପୁର-ଆସୁରାଳି ରାସ୍ତାର ଦୁଇ ପାର୍ଶ୍ୱରେ ଦିନ ୩ଟାରୁ ଆରମ୍ଭ ହୋଇ ରାତ୍ର ୯ରେ ଭାଙ୍ଗିଥାଏ। ରାସ୍ତାର ଦୁଇପାର୍ଶ୍ୱରେ ହାଟୋଇ ବସୁଥିବାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରତି ହାଟ ପାଳିରେ ଛୋଟବଡ ଦୁର୍ଘଟଣା ମାନ ଘଟିଥାଏ। ଉଭୟ ପାର୍ଶ୍ୱରେ ଉଠା ପରିବା ଦୋକାନୀ ବସୁଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇ ଯାଉଛି। ଫଳରେ ଯାତାୟାତରେ ବହୁ ଅସୁବିଧା ପରିଲକ୍ଷିତ ହେଉଛି। ଭିଡ଼ ବେଳେ ବେଳେ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି। ହାଟକୁ ଆସୁଥିବା ଗ୍ରାହକମାନେ ଗାଡ଼ି ସାଇକଲ ରାସ୍ତା ଉପରେ ରୋକି କିଣାବିକା କରୁଥିବାରୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ପ୍ରକୃତରେ ଦେଖିବାକୁ ଗଲେ ଆଖପାଖ ଅଞ୍ଚଳରେ ଥିବା ସ୍ଥାନୀୟ ହାଟ ସହିଦ ନଗର, ଅସୁରାଳୀ, ବେତାଳି ଗାଁଠାରେ ଯେପରି ସରକାରଙ୍କ ତରଫରୁ ହାଟ ପିଣ୍ଡି ବା ହାଟ ଚାଳିଆ ହୋଇଛି ସେହିଭଳି କେବେ ଗୋବିନ୍ଦପୁର ହାଟକୁ ବ୍ୟବସ୍ଥିତ କରିବା ପାଇଁ ଦାବି ହୋଇଆସୁଛି। ମାତ୍ର ପ୍ରଶାସନ ଏହା ଉପରେ ଧ୍ୟାନ ଦେଇନାହିଁ। ୩୫ ବର୍ଷ ଧରି ଅବହେଳିତ ଅବସ୍ଥାରେ ରାସ୍ତାକଡ଼ରେ ଚାଲିଛି ଗୋବିନ୍ଦପୁରର ସାପ୍ତାହିକ ହାଟ। କେଉଁଦିନ ପ୍ରଶାସନର ଦୃଷ୍ଟି ପଡ଼ିବ ଗୋବିନ୍ଦପୁର ହାଟ ଉପରେ? ତାହା ଏକ ବଡ଼ ପ୍ରଶ୍ନ ଅଞ୍ଚଳବାସୀଙ୍କ ମନରେ ରହିଛି। ଏହି ହାଟ ଉପରେ ୫୦୦-୭୦୦ ପରିବାର ଲୋକେ ନିଜର ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ପାଇଁ ନିର୍ଭର କରିବା ସହିତ ବାଡ଼ି ପରିବା ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ପୁଣି ଖରା, ବର୍ଷା ଓ ଶୀତକାଳରେ ହାଟୋଇମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ ବଜାର ମଝିରେ ଥିବା ହାଇମାଷ୍ଟ ଲାଇଟ୍ ଅଚଳ ଯୋଗୁଁ ଉଭୟ ହାଟୁଆ, ଗ୍ରାହକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ହାଟ ପରିଚାଳକ ବାଇଧର ବସନ୍ତିଆ ଏହି ପ୍ରସଙ୍ଗରେ କହିଛନ୍ତି କି ଯଦି ହାଟରେ ହାଟଚାଳିଆ ସରକାର ନିର୍ମାଣ କରନ୍ତେ, ତେବେ ବହୁ ଦୂରଦୁରାନ୍ତରୁ ଆସୁଥିବା ହାଟୁଆମାନେ ଉପକୃତ ହୁଅନ୍ତେ। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହାଟ ପିଣ୍ଡି ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଦାବି ହେଉଛି।

## ୪ ବେଆଇନ ବାଲି ବୋଝେଇ ହାଇୱା ଉପରେ ମାମଲା

**ଭଣ୍ଡାରିପୋଖରୀ, ୧୩।୨(ସମିସ):** ଭଣ୍ଡାରିପୋଖରୀ ଥାନାରେ ୪ ବେଆଇନ ବାଲି ବୋଝେଇ ହାଇୱା ଚାଳକ ଓ ମାଲିକଙ୍କ ନାମରେ ଲଘୁଖଣିଜ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। ଗତ ୭ ତାରିଖରେ ବିଭାଗୀୟ ଅଧିକାରୀ ଅନୀଲ ଦାସ ସଦଳବଳେ ୪ବେଆଇନ ବାଲି ବୋଝେଇ ହାଇୱା ଜବତ କରିଥିଲେ। ଭଣ୍ଡାରିପୋଖରୀ ଥାନାରେ ସ୍ଥାନ ଅଭାବ ଯୋଗୁଁ ଜବତ ବାଲିବୋଝେଇ ହାଇୱାଗୁଡିକୁ ଭଦ୍ରକ ପୁଲିସ ରିଜର୍ଭ ପଡ଼ିଆରେ ରଖାଯାଇଥିଲା। ଜବତ ଗାଡିର ବାଲି ପରିବହନ ଚାଲାଣ ନଥିଲା। ପ୍ରତ୍ୟେକ ହାଇୱା ଉପରେ ୪ ଲକ୍ଷ ଓ ଅତିରିକ୍ତ ୨୦ ହଜାର ସହ ମୋଟ ୪ଲକ୍ଷ ୨୦ ହଜାର ଜରିମାନା କରାଯାଇଥିଲା। ଜରିମାନା ପୈଠରେ ଅକ୍ଷମତା ପ୍ରକାଶ କରିବା ଯୋଗୁଁ ପ୍ରତ୍ୟେକ ହାଇୱା ନାମରେ ଭଣ୍ଡାରିପୋଖରୀ ଥାନାରେ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ଓଡି ୦୪ ଆର. ୯ ୯୧୫ ନଂ ହାଇୱା ଅଜଣା ଚାଳକ ଓ ବାସୁଦେବପୁର ମାରାଇନ ଥାନା ବିଦେଇପୁର ଗ୍ରାମର ହାଇୱା ମାଲିକ ଉମାକାନ୍ତ ମଣ୍ଡଳଙ୍କ ନାମରେ ୭୯/୨୫ନଂ ମାମଲା



ରୁଜୁ ହୋଇଛି। ସେହିପରି ଓଡି ୦୧ ଏ.କେ. ୮୮୫୫ ନଂ ହାଇୱାର ଅଜଣା ଚାଳକ ଓ ବାଲେଶ୍ୱର ରେମୁଣା ଥାନା ଅଞ୍ଚଳର ହାଇୱା ମାଲିକ ଗୌରାଙ୍ଗ ମହାରଣାଙ୍କ ନାମରେ ୮୦/୨୫ନଂ ମାମଲା ରୁଜୁ ହୋଇଛି। ହାଇୱା ନଂ ଓଡି ୦୧ ଏ.ଏସ. ୩୯୭୬ର ଅଜଣା ଚାଳକ ଓ ମାଲିକ ବାଲେଶ୍ୱର ନୀଳଗିରି ଥାନା ସିଙ୍ଗିରି ଗ୍ରାମର ଅମ୍ବିକା ମାହାନ୍ତାଙ୍କ ନାମରେ ୮୧/୨୫ ନଂ ମାମଲା ରୁଜୁ ହୋଇଛି। ଓଡି ୨୨ ଏ.ଏ. ୪୮୪୪ ହାଇୱା ମାଲିକ ଜରିମାନା ପୈଠ ପାଇଁ ଅକ୍ଷମତା ପ୍ରକାଶ କରି ବିଭାଗକୁ ଦରଖାସ୍ତ କରିଥିବାରୁ ଆଜି ଏହି ହାଇୱା ମାଲିକ ନାମରେ ମାମଲା ରୁଜୁ ହେବ ବୋଲି ଲଘୁଖଣି ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି। ଇତିପୂର୍ବରୁ ଜବତ ଯାନ ଉପରେ ନାମମାତ୍ର ଜରିମାନା ଲାଗୁ କରାଯାଉଥିବାରୁ ଜରିମାନା ଦେଇ ଜବତ ଯାନଗୁଡିକ ସହଜରେ ଛାଡ଼ ପାଉଥିଲେ। ମାତ୍ର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜରିମାନା ମାତ୍ରା ବହୁ ପରିମାଣରେ ବୃଦ୍ଧି ପାଇଥିବାରୁ ଜବତ ଯାନଗୁଡିକ ଜରିମାନା ପୈଠ ବଦଳରେ କୋର୍ଟ ଆଦେଶ ବଳରେ ଛାଡ଼ ପାଇବା ପନ୍ଥା ଆପଣେଇଥିବା ଜଣାଯାଇଛି। ଫଳରେ ଏହି ଧରଣର ମାମଲା ସଂଖ୍ୟା ବୃଦ୍ଧି ପାଇଛି।

## ୭ ଦଫା ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

**ବାସୁଦେବପୁର, ୧୩।୨(ସମିସ):** ୭ଦଫା ସମ୍ବଳିତ ଦାବିପତ୍ର ନେଇ ବାସୁଦେବପୁର ବ୍ଲକର ଆଶା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୌରପାଳିକାର ନୀଳମଣି ଟାଉନହଲ ଆଗରୁ ଆଶା କର୍ମୀଙ୍କ ଶୋଭାଯାତ୍ରା ବାହାରିଥିଲା। ଭଦ୍ରକ ଜିଲ୍ଲା ଆଶା କର୍ମୀ ସଂଘର ସଭାପତି ମମତା ଜେନାଙ୍କ ନେତୃତ୍ୱରେ ଶହ ଶହ ଆଶା କର୍ମୀ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ପ୍ରୋତ୍ସାହନ ରାଶି ବଦଳରେ ମାସିକ ଦରମା ୨୬ ହଜାର ଟଙ୍କା ପ୍ରଦାନ କରିବା, ମାସିକ ୧୦ ହଜାର ଟଙ୍କା ପେନସନ, ମୃତକାଳୀନ ସହାୟତା ୧୦ ଲକ୍ଷ ଟଙ୍କା, ପ୍ରତିବର୍ଷ ଜରୁରିକାଳୀନ ଭତ୍ତା ୧୦ ଲକ୍ଷ, ଏନଆଇଓଏସ ପରୀକ୍ଷାର ସମସ୍ତ ଆଶାକର୍ମୀଙ୍କୁ ପାସ କରିବା ସହ ୫ ହଜାର ପ୍ରୋତ୍ସାହନ, ପ୍ରତିମାସ ୧୦ ତାରିଖ ସୁଦ୍ଧା ସମସ୍ତ ପ୍ରାପ୍ୟ ପ୍ରଦାନ ନେଇ ଦାବିପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କୁ ମେଡିକାଲ ଅଫିସର ଜରିଆରେ ପଠାଇଛନ୍ତି। ଦାବିପତ୍ର ପୂରଣ ନହେବା ପର୍ଯ୍ୟନ୍ତ ରାସ୍ତାର ରହିବେ ଆନ୍ଦୋଳନ ଜାରି ରହିବ ବୋଲି ସୀତା ଦାଶ, ଜୟନ୍ତୀ ନାୟକ, ଜୟନ୍ତ ଓଝା ପ୍ରମୁଖ ପ୍ରକାଶ କରିଛନ୍ତି।




## କୋଟିଲା ନାୟକାଣୀଙ୍କ ପୀଠରେ କୁମ୍ଭ ସଂକ୍ରାନ୍ତି

**ଅସୁରାଳି, ୧୩।୨(ସମିସ):** ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ନଦୀଗାଁ ତିନିଘରିଆ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ମାଁ କୋଟିଲା ନାୟକାଣୀଙ୍କ ପୀଠରେ ଗୁରୁବାର କୁମ୍ଭ ସଂକ୍ରାନ୍ତି ସମାରୋହରେ ପାଳିତ ହୋଇଯାଇଛି। ସକାଳେ ମା'ଙ୍କ ସ୍ନାନ କରାଯିବା ପରେ ରୀତିନୀତିରେ ପୂଜାର୍ଚ୍ଚନା, ହୋମ ସହ ଆଳତି ପ୍ରଦାନ କରାଯାଇଥିଲା। ମାଁଙ୍କଠାରେ ନୀତିଭୋଗ ଲାଗି ହେବା ପରେ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ପୂଜକ ଦେବେନ୍ଦ୍ରନାଥ ପଣ୍ଡା ଓ ଅଶୋକ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସଂଧ୍ୟାରେ ଆଳତି ପରେ ମାଁଙ୍କଠାରେ ସନ୍ଦେଶ ଭୋଗ କରାଯାଇଥିଲା। ଏହି ଅବସରରେ ତିନିଘରିଆ, ନଦୀଗାଁ, ଅର୍ଜୁନପୁର, ପଙ୍ଗଟା, ବାଲିପାଟଣା, ରାମରାକୂଳ, ପ୍ରଧାନୀ ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥିଲା। ମାଁ କୋଟିଲା ନାୟକାଣୀ ପରିଚାଳନା କମିଟିର ସଦସ୍ୟଙ୍କ ସହ ତିନିଘରିଆ ଗ୍ରାମବାସୀ ସହଯୋଗ କରିଥିଲେ।



## ରାସ୍ତା ତଳକୁ ଖସିଲା ହାଇୱା; ବର୍ତ୍ତିଲେ ଚାଳକ

**ବନ୍ତ/ଆଗରପଡ଼ା, ୧୩।୨(ସମିସ):** ବନ୍ତ ବ୍ଲକ ଆଗରପଡ଼ା-ବଉଳା ରାସ୍ତା ଦେଇ ସୋସୋ ଆଡୁ ଆସୁଥିବା ଏକ ବାଲିବୋଝେଇ ହାଇୱା ଭାରସାମ୍ୟ ହରାଇ ଦମକଳ କେନ୍ଦ୍ର ନିକଟରେ ରାସ୍ତା ତଳକୁ ଖସିଛି। କୌଶଳକ୍ରମେ ଚାଳକ ଜଣକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ଟ୍ରକଟି ତଳକୁ ଖସିଯିବାରୁ ଜଣେ ପରିବା ଚାଷୀଙ୍କ କ୍ଷତି ହୋଇଥିବା ଜଣାପଡ଼ିଛି। ପ୍ରତିଦିନ ଓଭରଲୋଡ଼ିଂ ହାଇୱାଗୁଡ଼ିକ ବନ୍ତ-ଆଗରପଡ଼ା, ଆଗରପଡ଼ାରୁ ସୋସୋ ଓ ଅନ୍ୟାନ୍ୟ ସ୍ଥାନକୁ ବାରମ୍ବାର ଯାତାୟାତ କରି ରାସ୍ତାର ଅବସ୍ଥା ଖରାପ କରୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷମାନେ ବିରୋଧ କରିଥିଲେ ମଧ୍ୟ ତାହା ଅବିରାମ ଗତିରେ ଚାଲୁଥିବାରୁ ଅସନ୍ତୋଷ ଦେଖାଯାଉଛି।



## ତରାପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୧୩।୨(ସମିସ):** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତରାପୁର କ୍ଲଷ୍ଟର ଅନ୍ତର୍ଗତ ପୋଡ଼ାପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ପ୍ରଧାନଶିକ୍ଷକ ଅମୂଲ୍ୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନ୍ତ ବ୍ଲକ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ମୁଖ୍ୟବକ୍ତା ଭାବେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଆରସିସି ହରେକୃଷ୍ଣ ଆପଟ, ଏବିଓ ପ୍ରମୋଦ ପଣ୍ଡା, ଏବିଓ ଭାଗିରଥୀ ପାତ୍ର, କେନ୍ଦୁଆପଦା ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ ବେହେରା, ସିଆରସିସି ଜଗନ୍ନାଥ ଖୁଣ୍ଟିଆ, ଶିକ୍ଷାବିତ୍ ସୁବାସ ଦାସ, ସମାଜସେବୀ ଶ୍ୟାମସୁନ୍ଦର ଦାସ, ପରିଚାଳନା କମିଟି ସଭାପତି ହେମନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁଧୀର ବାରିକ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ଧାମନଗର, ୧୩।୨(ସମିସ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୋଷାନ ସଂଯୋଜକ ଏସ୍ କେ ସିରାଜ ଅକ୍ତରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମହିଳାଙ୍କ ସୁରକ୍ଷା ପାଇଁ ଆଇନର କିପ୍ରକାର ବ୍ୟବସ୍ଥା ରହିଛି ସେ ବିଷୟରେ ସଚେତନ କରିବା ସହ ଆଲୋଚନା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଙ୍ଗନବାଡି ଓ ଆଶା କର୍ମୀଙ୍କୁ ଆଇନ ଏବଂ ଅଧିକାରୀ ନେଇ ସଚେତନ କରାଇବା। ଏସ୍‌ପିଙ୍କ ପ୍ରତିନିଧି ଭାବେ ଅଧିକାରିଣୀ ମୋନାଲିସା କର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବିଡିଓ ବନବିହାରୀ ଦିନ୍ଦା, ଭାରପ୍ରାପ୍ତ ତହସିଲଦାର ସାଇ ସିଲୋନା, ଏନଏ ସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଡା. ମନ୍ମୟ ସାମନ୍ତ ସିଂହାର, ସିଡିପିଓ ଦମୟନ୍ତି ଦେଇ, ଜିଲ୍ଲାରୁ ଆସିଥିବା ଅନିତା ନାୟକ, ପବିତ୍ର ଦାସ, ଅବିନାଶ ମହାନ୍ତି, ପ୍ରଦ୍ୟୁତ ରଞ୍ଜନ ରାଉତ, ସ୍ୱାଗତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପ୍ରୋଗ୍ରାମ ଅଧିକାରିଣୀ ଚନ୍ଦ୍ରା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।




## ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ: ସେମିରେ ବାପୁଜୀ କ୍ରିକେଟ କ୍ଲବ୍

**ଦୋବଲ, ୧୩।୨(ସମିସ):** ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ତୃତୀୟ କ୍ୱାର୍ଟରର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର କେନ୍ଦ୍ରାପଡ଼ା ସହିତ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ବାପୁଜୀ କ୍ରିକେଟ କ୍ଲବ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଗୋପବନ୍ଧୁ କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୟଦ ଇଯାରୁଦ୍ଦିନ ୨୫ ବଲରେ ୧ଟି ଚୌକା ଓ ୩ଟି ଛକା ସାହାଯ୍ୟରେ ୨୭ ରନ, ସ୍ୱରାଜ ଚୌଧୁରୀ ୧୧ ବଲରେ ୩ଟା ଚୌକା ଓ ୨ଟା ଛକା ସାହାଯ୍ୟରେ ୨୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୁମିତ ଶର୍ମା ୫ ଓଭର ୨୧ ରନ ଦେଇ ୩ ଉଇକେଟ, ପ୍ରଦୀପ ପ୍ରଧାନ ୧.୨ ଓଭରରେ ୬ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ବାପୁଜୀ କ୍ରିକେଟ କ୍ଲବ ୧୨.୨ ଓଭର ରେ ୫ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ୟୋତି ରଞ୍ଜନ ବେହେରା ୧୬ ବଲରେ ୧ଟା ଛକା ଓ ୨ଟା ଚୌକା ସାହାଯ୍ୟରେ ୨୨ ରନ, ସିଦ୍ଧାନ୍ତ ଜେନା ୯ ବଲରେ ୩ଟି ଚୌକା ସାହାଯ୍ୟରେ ୧୫ ରନ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ରାଜ କୁମାର ଗୌତମ ୫ ଓଭର ବୋଲିଙ୍ଗ କରି ୩୩ ରନ ଦେଇ ୫ ଉଇକେଟ ନେଇଥିଲେ। ଆମ୍ପାୟାର୍ ଭାବେ ଜ୍ଞାନରଞ୍ଜନ ସ୍ୱାଇଁ ଓ ଜ୍ୟୋତିରଞ୍ଜନ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ଅନଲାଇନରେ ବଳରାମ ସାହୁ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡେଇ ଓ ବୁବୁ ସିନ୍ହା ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବାପୁଜୀ କ୍ରିକେଟ କ୍ଲବ୍ ଭୁବନେଶ୍ୱରର ସୁମିତ ଶର୍ମାଙ୍କୁ ପୁରସ୍କୃତ କରାଯାଇଥିଲା।

### ୨୯ତମ ଟିଲୋ କପ୍ କ୍ରିକେଟ୍

## ୱଣ୍ଡର ସିମେଣ୍ଟ ରାଜସ୍ଥାନ ଓ ଇଣ୍ଡିଆନ ଅଏଲ୍ ମୁମ୍ବାଇ ବିଜୟୀ

ବନ୍ତ/ଆଗରପଡ଼ା, ୧୩।୨(ସମିସ)

ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଟିଲୋ ଆଥଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟର ୭ମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ସପିଏନ୍ସ ଦିଲ୍ଲୀ ଓ ୱଣ୍ଡର ସିମେଣ୍ଟ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୱଣ୍ଡର ସିମେଣ୍ଟ ଟସ୍ ଜିତି ସପିଏନ୍ସ ଦିଲ୍ଲୀକୁ ପ୍ରଥମେ ପ୍ରଥମେ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରଣ କରିଥିଲା। ସପିଏନ୍ସ ଦିଲ୍ଲୀ ୧୭.୩ ଓଭରେ ସମସ୍ତ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ ୱଣ୍ଡର ସିମେଣ୍ଟ ରାଜସ୍ଥାନ ୧୩.୫ ଓଭରରେ ୪ୱିକେଟ ହରାଇ ୧୩୨ରନ ସଂଗ୍ରହ କରି ୬ ୱିକେଟରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ମ୍ୟାଚ ଇଣ୍ଡିଆନ ଅଏଲ ମୁମ୍ବାଇ ଓ ଏସପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ଇଣ୍ଡିଆନ ଅଏଲ ଟସ୍ ଜିତି ପ୍ରଥମେ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ଏସପିଜେ କାର୍ଗୋ ଦିଲ୍ଲୀ ୧୮.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୫ ରନ ସଂଗ୍ରହ କରିବାକୁ ସମର୍ଥ ହେବାରୁ ଇଣ୍ଡିଆନ ଅଏଲ ୧୯ ରନରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ରେଫରୀ ଥିଲେ ପୂର୍ଣ୍ଣେନ୍ଦୁ ଜେନା। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ନାରାୟଣ ସାହୁ, ତପନ ମଜୁମ୍‌ଦାର, ଏମଡ଼ି ରସିଦ, ସୁବ୍ରତ ପୃଷ୍ଟି ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଥିଲେ ନବଳକୃଷ୍ଣ ରାଉତ, ଧନେଶ୍ୱର ଧଳ, ପ୍ରେମାନନ୍ଦ ବେହେରା। ଡ. ମୁରଲୀଧର ସୁତାର, ଏସ୍‌କେ ଜଲ୍ଲାଲୁଦ୍ଦିନ, ପ୍ରଣବ ଲେଙ୍କା, ରମାକାନ୍ତ ନାଥ, ଡ. ଗୌରାଙ୍ଗ ରାଉଳ, ଇଂଶୁଭେନ୍ଦ୍ର ଲେଙ୍କା, ଅମରଜିତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ସମ୍ରାଟ ମାରବଲ ଓ ଏଆଇଆଇଏମଏସ +୨ ବିଜ୍ଞାନ କଲେଜ ପକ୍ଷରୁ ପ୍ରଦାନ କରାଯାଇଥିଲା। ରମାକାନ୍ତ ପାଣିଗ୍ରାହୀ, ଆସୋସିଏସନର ସମ୍ପାଦକ ଅସିତ କର, ମାଧବାନନ୍ଦ ବିଶ୍ୱାଳ, ଶଙ୍କର୍ଷଣ ଧଳ, ପ୍ରେମାନନ୍ଦ ବେହେରା, ସୁରେନ୍ଦ୍ର ନାୟକ, ଦୋଳଗୋବିନ୍ଦ ଲେଙ୍କା, ପ୍ରେମାନନ୍ଦ ଜେନା ସହଯୋଗ କରିଥିଲେ।



## ତରାଗୋ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୧୩।୨(ସମିସ):** ବନ୍ତ ବ୍ଲକର ଗୋବିନ୍ଦପୁର ପଞ୍ଚାୟତସ୍ଥିତ ତରାଗୋ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ନାଟ୍ୟଶ୍ରୀ ନିର୍ମ୍ମଳ ରାଉତ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ରତିକାନ୍ତ ବେହେରା, ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସାହିତ୍ୟିକ ସତ୍ୟପ୍ରକାଶ ସେଠୀ, ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଉଭେନ୍ଦ୍ର କୁମାର ସାହୁ ଓ ସମିତିସଭ୍ୟା ନିଳିମା ଖଟୁଆ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଚିକିତ୍ସକ ଡାକ୍ତର ପ୍ରଶାନ୍ତ ଖଟୁଆ, ପିତାମ୍ବର ରାଉତ, କିଶୋରଚନ୍ଦ୍ର ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ବେହେରା ଓ ଏରେଣ୍ଡେଇ କ୍ଲଷ୍ଟରର ସିଆରସିସି ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ କୋଦଣ୍ଡଧର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ଚିନ୍ମୟୀ ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱସ୍ତିକ୍ରିଷ୍ଟା ନାୟକ ମାନପତ୍ର ପାଠ କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ରୀ ମଧୁସ୍ମିତା ପଣ୍ଡାଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୌମ୍ୟରଞ୍ଜନ ଦାସଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀରେ ଉତ୍କର୍ଷ ପାଇଁ ୪ଟି ମାନପତ୍ର ପ୍ରଦାନ ପୂର୍ବକ ଓ ସୁଶ୍ରୀ ଷୋଡ଼ଶୀ ଚିନ୍ମୟୀ ସାହାଣୀଙ୍କୁ ବୋର୍ଡ ପରୀକ୍ଷାରେ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଏବଂ ୧୦ମ ଶ୍ରେଣୀ ଛାତ୍ରୀ ଉମା ଆର୍ଯ୍ୟନ ଜେନାଙ୍କୁ ସ୍ପୋର୍ଟସ ଚାମ୍ପିଅନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କରାଯାଇଥିଲା।



## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଦୋବଲ, ୧୩।୨(ସମିସ): ଧାମନଗର ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ସ୍ନାତକ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅଜୟ ବେଜଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ପ୍ରଶିକ୍ଷକ ଦୋଳଗୋବିନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଦୀପ ରାୟ ଓ ସମ୍ମାନିତ ଅତିଥି ଭାବେ ସଞ୍ଜୟ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଦର୍ଶନ ବିଭାଗର ଅଧ୍ୟାପିକା କଲ୍ୟାଣୀ ଦାଶଙ୍କ ତତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ତାଲିମ୍ ପ୍ରଶିକ୍ଷିକା ଲୋପାମୁଦ୍ରା ରାଉତ ଓ ବବିତା ବେହେରା ଛାତ୍ରୀଙ୍କୁ ନୂଆ ନୂଆ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ପ୍ରମୁଖ ସଦସ୍ୟା ଅଧ୍ୟାପିକା ଶ୍ୱେତା ସାମିନି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ଅତିଥି ପରିଚୟ, ସଂଯୋଜିକା ଅଧ୍ୟାପିକା କଲ୍ୟାଣୀ ଦାଶ ସ୍ୱାଗତ ସମ୍ଭାଷଣ, ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଞ୍ଚାଳନ କରିଥିଲେ । ପ୍ରତିଭା ପଣ୍ଡା, ଅଲିଭାରାଣୀ ବାରିକ୍ ଓ ଶକ୍ତିମୟୀ ପାଢ଼ୀ ପ୍ରମୁଖ ଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପର୍ଯ୍ୟାୟକ୍ରମେ ମୋଟ ୧୧୪ ଜଣ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇ ମାନପତ୍ର ପ୍ରଦାନ କରାଯାଇଛି। ଅଧ୍ୟାପକ ବୈରଗଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର: ୫୨ ୟୁନିଟ୍ ସଂଗୃହୀତ




ଭଦ୍ରକ,୧୩।୨(ସମିସ): ଚରମ୍ପା ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ରୋଭର୍ ରେଞ୍ଜର ବିଭାଗର ମିଳିତ ଆୟୋଜନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଡ଼ାକ୍ତର ବିମଳା ମିଶ୍ର, ରକ୍ତଭଣ୍ଡାରର କର୍ମଚାରୀ ରତିକାନ୍ତ ବଳ, ରବୀନ୍ଦ୍ର ଜେନା, ଶୁଭଶ୍ରୀ ନାୟକ ଓ ଏସ୍.କେ. ବୁଧିଆ ରକ୍ତ ସଂଗ୍ରହ କରିଥିବା ବେଳେ ଯୁବ ରେଡକ୍ରସ୍ ବିଭାଗର ପରାମର୍ଶଦାତା ଡ. ସୁକାନ୍ତି ମହାପାତ୍ର, ସିଦ୍ଧାନ୍ତ ଲାଲ୍, ରୋଭରସ୍ ରେଞ୍ଜରସ୍ ଅଧିକାରୀ ଡ. ଫିରଦୋସ୍ ହୋସେନ୍, ସୁଶାନ୍ତ ଶଙ୍ଖୁଆ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ଡ. ପ୍ରମଥ କୁମାର ପାଣି, ପରିଚାଳନା ଅଧିକାରୀ ସଂଯୁକ୍ତା ବୋଷ୍, ପ୍ରାଧ୍ୟାପକ ଜୟନ୍ତ ପରିଡ଼ା, ପ୍ରାଧ୍ୟାପିକା କଳ୍ପନା ଲେଙ୍କା, ମୁଖ୍ୟ କିରାଣି ଶୁଭେନ୍ଦ୍ରଚନ୍ଦ୍ର ମହାନ୍ତି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀ ଦୀପକ, ଜୟଦେବ, ଦିଲନ୍, ସରସ୍ୱତୀ, ବର୍ଷା, ମୋନାଲିସା, ସୀମା ଓ ଅନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶିବିରରେ ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

## ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ



ବାରିକପୁର,୧୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଓ ୧୯୮୮ ମସିହା ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ସହ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାକ୍ତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର କୁଅଁର, ବଟକୃଷ୍ଣ ରାଉତ, ଘନଶ୍ୟାମ ପରିଡ଼ା, ଯଦୁମଣି ଦାସ, ରବିନ୍ଦ୍ର ମଲ୍ଲିକ, ହରେକୃଷ୍ଣ ଦୋବେଇ, ଧରଣୀଧର ଦାସ, ଅର୍ଜୁନ ଯେନା, ଦୟାନିଧି ରାଉତ, ସ୍ଥାନୀୟ ଜିଲ୍ଲା ପରିଷଦ ଉତ୍କଳ କେଶରୀ ମହାନ୍ତି, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକଙ୍କୁ ପୁରାତନ ବିଦ୍ୟାର୍ଥୀମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଛାତ୍ରୀ ସୀମାରାଣୀ, ପ୍ରଦୀପ ଖିଲାର, ରାଜେଶ ସାମଲ, ରମେଶଚନ୍ଦ୍ର ନାୟକ, ଦେବାଶିଷ ପଣ୍ଡା, କେଦାର ଦାସ, ଝୁନୁଲତା ସାମଲ, ପ୍ରଭାତୀ ବାରିକ, ସବିତା ଖିଲାର, ନାରାୟଣ ରାଉତ, ପ୍ରତିମା ବଳ, ରଘୁନାଥ ରାଉତ, ବିଦ୍ୟାଧର ରାଉତ, ଚମ୍ପକଲତା ପାଢ଼ୀ ପ୍ରମୁଖ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତିକୁ ବଖାଣିଥିଲେ।

## ସୁନା ବ୍ୟବସାୟୀଙ୍କୁ ଛୁରାମାଡ଼ ଓ ଲୁଟ୍

ଭଦ୍ରକ, ୧୩।୨(ସମିସ): ଚାନ୍ଦବାଲି ବ୍ଲକ ଅଞ୍ଚଳରେ ଛୁରାମାଡ଼ ହୋଇଛି। ଜଣେ ସୁନା ବ୍ୟବସାୟୀଙ୍କୁଠାରୁ ଲୁଟ୍ କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ବାଂଶଡ଼ା ଥାନା ଅଧୀନ ଘଣ୍ଟେଶ୍ୱର ବଜାରର ସୁନା ବ୍ୟବସାୟୀ ସୁରେନ୍ଦ୍ର ବିଶ୍ୱାଳ ଦୋକାନ ବନ୍ଦକରି ଏକ ବ୍ୟାଗରେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ନଗଦ ଟଙ୍କା ନେଇ ଘରକୁ ଯାଉଥିଲେ। ଏହି ସମୟରେ ହେଲମେଟ ପିନ୍ଧା ଦୁଇ ଜଣ ଯୁବକ ଛୁରାମାଡ଼ କରି ବ୍ୟାଗ ସହ ଝାମ୍ପି ନେଇଥିଲେ। ଗୁରୁତର ଆହତ ସୁରେନ୍ଦ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ବାଂଶଡା ପୁଲିସ ଛାନଭିନ ଜାରି ରଖିଛି।

### ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଶୁଭାରମ୍ଭ

# ପ୍ରଥମ ସନ୍ଧ୍ୟାରେ ନାଟକ 'ଏଠି ସବୁ ଭୁଲ୍'

ଭଦ୍ରକ, ୧୩।୨(ସମିସ)





ଭଦ୍ରକ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ୨୨ତମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ ଗୁରୁବାର ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନାଟ୍ୟ ମହୋତ୍ସବକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦଘାଟନ କରିଥିଲେ। ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକର ନାଟ୍ୟ ପରମ୍ପରା ଅତୀତରେ ଓଡ଼ିଶାରେ ସୁନାମ ଅର୍ଜନ କରିଥିଲା। ଏହି ପୂର୍ବ ଗୌରବକୁ ପୁନର୍ଜୀବିତ କରିବାର ପ୍ରୟାସ ଏହି ସାଂସ୍କୃତିକ ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ଗତ ୩ ବର୍ଷ ଧରି ଭଦ୍ରକରେ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଆରମ୍ଭ କରାଯାଇଛି। ଜିଲ୍ଲାରେ ରଙ୍ଗମଞ୍ଚ ନାଟକକୁ ଅଧିକ କ୍ରିୟାଶୀଳ କରିବା ଏହି ଅନୁଷ୍ଠାନର ଅଭିପ୍ରାୟ ରଖି ଆଗକୁ ମାଡି ଚାଲୁଛି ବୋଲି ସଭାପତି ଶ୍ରୀ ନାୟକ ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାଏ ତାଙ୍କ ବକ୍ତବ୍ୟରେ କହିଲେ ଯେ କଳା ସଂସ୍କୃତିର ମାଟି ଭଦ୍ରକ ଜିଲ୍ଲା। ଏହି ମାଟିରେ କାନ୍ତକାବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କଠାରୁ ଆରମ୍ଭ କରି ନାଟ୍ୟକାର ରଘୁନାଥ ପଣ୍ଡା ରାଜ୍ୟ ତଥା ଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। ଜିଲ୍ଲାର ଏହି ଅତୀତ ହୃତଗୌରବକୁ ଫେରାଇ ଆଣିବାକୁ ନଟରାଜ୍ୟ ସାଂସ୍କୃତିକ ଅନୁଷ୍ଠାନର ଉଦ୍ୟମ ବେଶ୍ ପ୍ରଶଂସନୀୟ। ଏହି ନାଟ୍ୟନୁଷ୍ଠାନ ତରଫରୁ ଆୟୋଜିତ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର ଡ. ସୁଧାଂଶୁ ନାୟକ ରଚିତ 'ଏଠି ସବୁ ଭୁଲ' ମଞ୍ଚସ୍ଥ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ପରିପେଷିତ ନାଟକଟି ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ପରିବାର ନଷ୍ଟ ଭ୍ରଷ୍ଟ ହେଉଥିବା ଉପରେ ପର୍ଯ୍ୟବେକ୍ଷିତ। ନାଟ୍ୟକାର ଏଥିରେ ସୁଧାର ଆଣିବା ପାଇଁ ନାଟକ ମାଧ୍ୟମରେ ସାମାଜିକ ବାର୍ତ୍ତା ଦେଇଛନ୍ତି। ଏହି ନାଟକଟିକୁ ତାପସ ସ୍ୱାଇଁ ନିର୍ଦ୍ଦେଶନା ଦେଇଥିବା ବେଳେ ସନାତନ ଭୂମିକାରେ ଶିବପ୍ରସାଦ ମହାନ୍ତି, ସାରଥୀ-ମନୋଜ କୁମାର ମିଶ୍ର, ବିବେକ-କ୍ଷୀତିଶକୁମାର ନାୟକ, ମଳୟ-ବୃନ୍ଦାବନ ସାହୁ, ବସନ୍ତ-ପ୍ରଦୀପ ବାରିକ, ହେମନ୍ତ-ଦେବବ୍ରତ ମହାନ୍ତି, ଜଟାଧାରୀ-ନିର୍ମଳ ପରିଡ଼ା, ଗିରିଧାରୀ-ଭବେଶ ସାହୁ, ବ୍ରହ୍ମଚାରୀ-ସରୋଜ ସିଂ, ରାଓ ବାବୁ-ଅନୁଗ୍ରହ ଦୀକ୍ଷିତ, ସତିଆ-ଗଜେନ୍ଦ୍ର ପାତ୍ର, ରାକେଶ-ବିଶ୍ୱରଂଜନ ଦାସ, ସପନି-ଉମେଶ ସାହୁ, ଭାରତୀ-ସୁମତୀ ପଣ୍ଡା ଓ ଶିଖା ଭୂମିକାରେ ସାନିଆ ସା ଅଭିନୟ କରିଥିଲେ। ନାଟକର ସଙ୍ଗୀତ ନିର୍ଦ୍ଦେଶନା ଆର୍ତ୍ତବନ୍ଧୁ ପାଲ, କିଶୁଚରଣ ଜେନା, କଣ୍ଠଦାନ-ସରୋଜ କୁମାର ନାୟକ, ଆଲୋକ, ଶବ୍ଦ ଓ ମଞ୍ଚସଜ୍ଜା-ନାଗେଶ୍ୱର ରାଓ(କଟକ), ରୂପସଜ୍ଜା-ଅଚ୍ୟୁତ ମହାରଣା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପରିଡା, ରମାକାନ୍ତ ବାରିକ, ନିରଞ୍ଜନ ସ୍ୱାଇଁ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ବରିଷ୍ଠ କଳାକାର ମହୋତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଭଦ୍ରକ ନେହରୁ ଷ୍ଟାଡିୟମଠାରେ ଗୁରୁବାର ସନ୍ଧ୍ୟାରେ ୫ଦିନିଆ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ' ଉଦଘାଟିତ ହୋଇଯାଇଛି।

## ନିଆଁଲିଭା ଓ ବିପନ୍ନଙ୍କୁ ଉଦ୍ଧାର ସଂକ୍ରାନ୍ତ କୌଶଳ

ଅସୁରାଳି, ୧୩।୨(ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତସ୍ଥିତ ସାହୁସାହି ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ବାବାମଣି ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ସେବା ଶିବିରରେ ବୁଧବାର ଛାତ୍ରଛାତ୍ରୀଙ୍କୁ ନିଆଁଲିଭା ଓ ବିପଦରେ ପଡିଥିବା ବିପନ୍ନଙ୍କୁ ଉଦ୍ଧାର କୌଶଳ ଧାମନଗର ଫାୟାର ଷ୍ଟେସନର ଅଧିକାରୀ ଓ କର୍ମଚାରୀ ମାନେ ପ୍ରଶିକ୍ଷଣ ଦେଇଥିଲେ। ନିଆଁକୁ ଆୟତ୍ତ କରିବା କୌଶଳ ଓ ବିପନ୍ନଙ୍କୁ କମ୍ବଳରେ ଷ୍ଟ୍ରେଚର ବନାଇ ମେଡିକାଲ ନେବା ପଦ୍ଧତି ସେମାନେ ଶିଖାଇଥିଲେ। ଫାୟାର ଷ୍ଟେସନ ଅଫିସର ବିଶ୍ୱଜିତ ରାଉତ, ଫାୟାର ମ୍ୟାନ ରାଜେନ୍ଦ୍ର କୁମାର ଦେଓ, ସଞ୍ଜୟ ମାଝୀ, ନଗେନ୍ଦ୍ର ରାଉତ, ଗଜେନ୍ଦ୍ର କର, ଜୁନାରାମ ମାରାଣ୍ଡି ପ୍ରମୁଖ ଏହି ପ୍ରଶିକ୍ଷଣ ଦେଇଥିଲେ। ସେବା ଯୋଜନା ଅଧିକାରୀ ବିଜୟ ଦାଶ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅଧ୍ୟାପକ ଶିବପ୍ରସାଦ ସାହୁ, କାହ୍ନୁ ଚରଣ ବାରିକ, ଅଧ୍ୟାପିକା ମାନସୀ ସାହୁ, କରିସ୍ମା ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ନାୟକ ପ୍ରମୁଖ ଶିବିରରେ ବିଭିନ୍ନ କୌଶଳ ପ୍ରଦର୍ଶନ ବେଳେ ଉପସ୍ଥିତ ଥିଲେ।

## ନାଆମୀ ମହାବିଦ୍ୟାଳୟରେ ଶୀତଶିବିର ଉଦ୍‌ଯାପିତ




ଭଣ୍ଡାରିପୋଖରୀ/ବାରିକପୁର,୧୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ସଂସ୍ଥାର ଶୀତକାଳୀନ ସାପ୍ତାହିକ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଅଧ୍ୟାପକ ଡ. ଅଜୟ ପ୍ରଧାନଙ୍କ ସଂଚାଳନାରେ ଅନୁଷ୍ଠିତ ସମାବେଶରେ ମହାବିଦ୍ୟାଳୟର ଅଧକ୍ଷ ଡ.ବିନୋଦନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ରାଉତ, "ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, ଅଧ୍ୟାପକ ଅଶୋକ ଦାସ, ଚିନ୍ତାମଣି ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି ଓ ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରରେ ଆୟୋଜିତ ସଙ୍ଗୀତ, ରଙ୍ଗୋଲି, ପ୍ରବନ୍ଧ ରଚନା ଆଦି ବିଭିନ୍ନ କାର୍ଯ୍ୟକ୍ରମର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୃକ୍ଷ ରୋପଣ ଓ ସଚେତନତା ସୃଷ୍ଟି କରାଯାଇଥିଲା। ଅଧ୍ୟାପକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକନାଥ ମନ୍ଦିରର ପ୍ରତିଷ୍ଠା ଦିବସ



ଭଦ୍ରକ, ୧୩।୨(ସମିସ): ଭଦ୍ରକର ପ୍ରସିଦ୍ଧ ଲୋକନାଥ ମନ୍ଦିରରେ ୮୭ତମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ଅଗ୍ନିଉତ୍ସବ ଅବସରରେ ଅଷ୍ଟପ୍ରହର ନାମ ସଂକୀର୍ତନ ସମାରୋହ ଭକ୍ତିଭାବାପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଛି। ବୁଧବାର ବିଭିନ୍ନ ପଣ୍ଡିତ ଓ ନାମ ସଂକୀର୍ତନ ଦଳ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ବିଜୟ କୁମାର ପାଣି (ବୁଢ଼ା ନନା)ଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ଶତାଧିକ ପୁରୁଷ ଓ ମହିଳା ବାବା ଲୋକନାଥଙ୍କୁ ଦର୍ଶନ କରିଥିଲେ। ଅଜୟ ପାଣି, ସଂଜୟ ପାଣି, ହରିହର ଶୁକ୍ଳ, ଗୌରାଙ୍ଗ କର, ହିମାଂଶୁ ଶେଖର ପାଣି ଓ ତ୍ରିନାଥ କର ପ୍ରମୁଖ ସହଯୋଗ କରିଥିଲେ।

## ପଙ୍ଗଟା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



' ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ପଙ୍ଗଟା ଗ୍ରାମ ନାରାୟଣୀ ଛକରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପଙ୍ଗଟା ଗ୍ରାମର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟଟି ଶୃଙ୍ଖଳାରେ ସମାପନ ହୋଇଥିଲା। ଧାର୍ମିକ ନୈବେଦ୍ୟ ଉତ୍ସର୍ଗ କରିବା ପାଇଁ ହନୁମାନଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ପ୍ରସାଦ ସେବନ, ଅପରାହ୍ନ ୪ଟାରେ ପୂଜା କାର୍ଯ୍ୟ ସମାପନ ଏବଂ ସନ୍ଧ୍ୟା ୬ଟାରେ ନାମ ସଂକୀର୍ତ୍ତନ କରାଯାଇଥିଲା। ପଙ୍ଗଟା ଗ୍ରାମ ତଥା ଆଖପାଖର ଅନେକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦାନ କରିଥିଲେ। ପଣ୍ଡିତ ପ୍ରଦୀପ ତ୍ରିପାଠୀ ଏବଂ ସହଯୋଗୀଙ୍କ ଦ୍ୱାରା ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା ଏବଂ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ମହାବୀର କମିଟି କର୍ମକର୍ତ୍ତା, ଜ୍ଞାନରଞ୍ଜନ ମଲ୍ଲିକ, ସୁଶାନ୍ତ ମହାପାତ୍ର, ଗୌରାଙ୍ଗ ଜେନା, ରଞ୍ଜନ ସେଠୀ, ନାରାୟଣ ଜେନା, ରଞ୍ଜନ ସାହୁ, ସୁଶାନ୍ତ ସାମଲ, ଧର୍ମେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ବାରିକପୁର/ଦୋବଲ, ୧୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ବଳଦେବଜୀଉ ସରକାରୀ ଉପ୍ରା ବିଦ୍ୟାଳୟ ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ପ୍ରଧାନ ଶିକ୍ଷକ ସୁନୀଲ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଶିକ୍ଷକ ତପନ ବିଶ୍ୱାଳ, ସିଆରସିସି ରାଧାଶ୍ୟାମ ମଲ୍ଲିକ, ଅଜୟ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୭୮ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସମସ୍ତ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିବା ବେଳେ ବିବେକାନନ୍ଦ ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସେହିପରି ଦୋବଲ ପଞ୍ଚାୟତର ସୋଧ ପ୍ରାଥମିକ ବିଦ୍ୟାଳୟରେ ଦୋବଲ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସଏଜେ ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ମିଶ୍ର ସଭାପତିତ୍ୱ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମଲିକ ସଂଯୋଜନା କରିଥିଲେ। ଦୋବଲ ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମମତା ରାଉତ, ପୂର୍ବତନ ସିଆରସିସି ପୁରସ୍ତମ କର, ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସଙ୍କୁନ୍ତଳା ମାରାଣ୍ଡି, ଏମଡି ହୋସେନ, ତ୍ରିଲୋଚନ ମାଝୀ, ପରେମଶ୍ୱର ମାଣ୍ଡି, ଏମଡି କୁତୁବୁଲ୍ଲୁ ଓରା, ବିକାଶ ଜେନା, ଜଗବନ୍ଧୁ ବେହେରା, ସଚିଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ବିଦ୍ୟାଳୟର ଏଫଏଲଏନ ଗ୍ରେଡର ଶିକ୍ଷକମାନେ ସହଯୋଗ କରିଥିଲେ। ସିଆରସିସି ହାପା ମାରାଣ୍ଡି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବସୁମତୀ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକୁମ୍ଭରେ ଗଙ୍ଗା ସେବାଦୂତଙ୍କୁ 'ମହାପ୍ରସାଦ ଆଶୀର୍ବାଦ'

ଭଦ୍ରକ,୧୩।୨(ସମିସ)



ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଗଙ୍ଗାଦୂତ ସାଜିଥିବା ସେବକମାନେ ଗଙ୍ଗାନଦୀର ଜଳ ନିର୍ମଳ ରଖିବା ସଙ୍ଗେ ସଙ୍ଗେ ଏହାର ସ୍ୱଚ୍ଛତା ପ୍ରତି ଜନସଚେତନତା ବାର୍ତ୍ତା ମଧ୍ୟ ପ୍ରସାର କରୁଛନ୍ତି। ସେମାନଙ୍କର ନିରବଚ୍ଛିନ୍ନ ସେବା ଏବଂ ସମର୍ପଣ ଏହି ମହାପର୍ବକୁ ସ୍ୱଚ୍ଛ, ଦିବ୍ୟ କରିଥିଲା। ଗଙ୍ଗାଘାଟ ନିକଟରେ ଶ୍ରଦ୍ଧାଳୁମାନେ ପୂଜା କରିବା ସମୟରେ ଜଳରେ ଅର୍ପଣ କରିଥିବା ଫୁଲ, ଫଳ ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଗଙ୍ଗା ସେବାଦୂତମାନେ ତୁରନ୍ତ ପରିଷ୍କାର କରି ଦେଉଛନ୍ତି। ପ୍ରାୟ ୧୫୦୦ ଗଙ୍ଗା ସେବାଦୂତ ପ୍ରତି ଘାଟରେ ନିୟୋଜିତ ଅଛନ୍ତି। ମେଳା ପ୍ରଶାସନ ପକ୍ଷରୁ ଏହି ଗଙ୍ଗା ସେବାଦୂତଙ୍କୁ ତାଲିମ ଦିଆଯାଇଛି। ମହାକୁମ୍ଭର ପ୍ରଥମ ଦିନରୁ ସମସ୍ତ ସେବାଦୂତମାନେ ନିଜ ନିଜର କର୍ତ୍ତବ୍ୟ ସ୍ଥାନରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କ ପାଇଁ ନଦୀଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ନିଜ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ତେବେ ଆଦାନୀ ଗ୍ରୁପ ଏବଂ ଇସ୍କନର ମିଳିତ ସହଭାଗିତାରେ ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ବଣ୍ଟନ ଦ୍ୱାରା ଲକ୍ଷ ଲକ୍ଷ ଜନତା ଉପକୃତ ହୋଇପାରୁଛନ୍ତି। ଗଙ୍ଗା ସେବାଦୂତଙ୍କ ପାଇଁ ଏହି ମହାପ୍ରସାଦ ବିତରଣ କୌଣସି ଆଶୀର୍ବାଦରୁ କମ୍ ନଥିଲା। ଘାଟଗୁଡ଼ିକରେ ନିୟୋଜିତ ଗଙ୍ଗା ସେବାଦୂତମାନେ ସେବା ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିଜ ସମୟାନୁସାରେ ଆଦାନୀ-ଇସ୍କନ ପକ୍ଷରୁ ନିର୍ମିତ ସେକ୍ଟର ୧୯ ରୋଷଶାଳାରେ ମହାପ୍ରସାଦ ଗ୍ରହଣ କରି ପୁନଶ୍ଚ କର୍ତ୍ତବ୍ୟରେ ଲାଗିପଡ଼ନ୍ତି। ଏହି ନିଃଶୁଳ୍କ ସେବା ଦ୍ୱାରା ସେମାନଙ୍କୁ କେତେକାଂଶରେ ସୁବିଧା ହୋଇଛି ଏବଂ ସେମାନେ ପୁନର୍ବାର କର୍ତ୍ତବ୍ୟରେ ଲାଗି ପଡ଼ିଥିଲେ କହିଛନ୍ତି ସେବାଦୂତମାନେ। ମହାପ୍ରସାଦରେ ପ୍ରତିଦିନ ଭିନ୍ନ ଭିନ୍ନବ୍ୟଞ୍ଜନ ସାମିଲ କରାଯାଉଛି ଏବଂ ପ୍ରାୟ ୧୦୦୦ କର୍ମଚାରୀ ଏହାକୁ ସୁପରିଚାଳନା କରୁଛନ୍ତି। ଶ୍ରଦ୍ଧାଳୁମାନେ ପ୍ରସାଦ ଗ୍ରହଣ କରିବା ପରେ ସ୍ୱେଚ୍ଛାକୃତ ଭାବେ ସେବା ମଧ୍ୟ ପ୍ରଦାନ କରୁଥିଲେ। ସ୍କାଉଟ ଓ ଗାଇଡ୍ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି ମହାକୁମ୍ଭରେ ନିଜର ଦାୟିତ୍ୱ ନିର୍ବାହ କରୁଥିବା ନଜର ଆସିଥିଲା। ପ୍ରଶାସନ ତରଫରୁ ଏହି ସ୍କାଉଟ ଓ ଗାଇଡ୍ ସ୍ୱେଚ୍ଛାସେବୀ ଯୁବକଯୁବତୀମାନଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇ ଗଙ୍ଗା ନଦୀର ବିଭିନ୍ନ ଘାଟରେ ନିୟୋଜିତ କରାଯାଇଛି। ୪୫ ଦିନ ଧରି ଚାଲିବାକୁ ଥିବା ଏହି ମହାକୁମ୍ଭରେ ୧୦ ହଜାର ସ୍କାଉଟ-ଗାଇଡ୍ ସ୍ୱେଚ୍ଛାସେବୀ ସେବା ପ୍ରଦାନ କରିବେ।

# ସଡ଼କ ସୁରକ୍ଷା ମାସ-୨୦୨୫ ଉଦ୍‌ଯାପିତ

ଭଦ୍ରକ, ୧୩।୨(ସମିସ): ସଡ଼କ ସୁରକ୍ଷା ମାସ-୨୦୨୫ର ଉଦଯାପିତ ହୋଇଯାଇଛି। ସରକାରୀ ଜିଲ୍ଲା ସ୍କୁଲରେ ଗୁରୁବାର ଅନୁଷ୍ଠିତ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଜୀବନ ଏକ ଅମୂଲ୍ୟ ସମ୍ପଦ ଏହାର ସୁରକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଧାଂଶୁ ଶେଖର ବଳ, ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକା, ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ, ଉପଆରକ୍ଷୀ ଅଧୀକ୍ଷକ ଏସ.କେ. ନନ୍ଦ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ରୋଟାରିଆନ ଅତିସ୍ ବେହେରା, ପତ୍ରକାର ରବି ନାରାୟଣ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ କାଦମ୍ବରୀ କର ଶର୍ମା ମଞ୍ଚ ପରିଚାଳନା କରିଥିଲେ। ପରେ ଅତିଥିମାନେ ସଡ଼କ ସୁରକ୍ଷା ଉପରେ ପିଲାଙ୍କୁ ସଚେତନ କରାଇଥିଲେ। ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଏବଂ ସାଧରଣଜ୍ଞାନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ନାଟକ ପରିବେଷଣ କରାଯାଇଥିଲା।



